ଧରିତ୍ରୀ
DHARITRI


July 06-12, 2025 ₹ 2/-

ଧରିତ୍ରୀ DHARITRI 51 Years

# ଝଲମଲ

## ଅକାଳରେ
# ତାରକା

ଗ୍ଲାମର୍ସ ଦେଖାଯିବା ସହ ବୟସକୁ ବାନ୍ଧି ରଖିବାର ନିଶା ହେଉ କି ଅତ୍ୟଧିକ ଜିମ୍ ବା ଅତ୍ୟଧିକ ନିଶାସେବନ କିମ୍ବା ମାନସିକ ଚାପ; କାରଣ ଯାହା ବି ହେଉ, ମୃତ୍ୟୁର କାରଣ କିନ୍ତୁ ହୃଦ୍‌ଘାତ। ଯେଉଁଥିପାଇଁ କି ଅକାଳରେ ଚାଲିଯାଉଛନ୍ତି ତାରକା...



୩
ପ୍ରଚ୍ଛଦ ପ୍ରସଙ୍ଗ

## ଭୋଜନକୁ ନେଇ ନିୟମ

ସବୁ କାମ ପାଇଁ କିଛି ନା କିଛି ନିର୍ଦ୍ଦିଷ୍ଟ ନିୟମ ରହିଛି। ଆଉ ଯଦି ନିୟମାନୁଯାୟୀ ସେ ସବୁ କାମ କରାଯାଏ, ତା'ହେଲେ ଉତ୍ତମ ଫଳ ମିଳେ ବୋଲି ବିଶ୍ୱାସ ରହିଛି। ଭୋଜନ ବି ହେଉଛି ସେମିତି ଏକ କର୍ମ; ଯାହାକୁ ନିୟମାନୁସାରେ କଲେ ହିଁ ଏହାର ସୁଫଳ ମିଳିପାରିବ.....



✲ ଘରର ଏରୁଣ୍ଡି ବନ୍ଧରେ ବସି ଖାଇବା ଆଦୌ ଠିକ୍ ନୁହେଁ। ବିଶ୍ୱାସ ରହିଛି ଯେ, ଘରର ଏରୁଣ୍ଡି ବନ୍ଧରେ ଦେବଦେବୀଙ୍କର ବାସ ହୋଇଥାଏ। ତେଣୁ ଏହି ସ୍ଥାନରେ ବସି ଖାଇଲେ ଦେବଦେବୀ ରୋଷ କରିବା ସହ ଘରର ଉନ୍ନତିରେ ବାଧା ସୃଷ୍ଟି ହୋଇଥାଏ।

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଭଙ୍ଗା କିମ୍ବା ଅଇଁଠା ବାସନରେ ଖାଦ୍ୟ ଖାଇବା ବି ଉଚିତ ନୁହେଁ। ଏହା ଦୁର୍ଭାଗ୍ୟକୁ ଡାକି ଆଣିଥାଏ ବୋଲି ବିଶ୍ୱାସ କରାଯାଏ।

✲ ସର୍ବଦା ପୂର୍ବ ଅଥବା ଉତ୍ତର ଦିଗକୁ ମୁହଁ କରି ଖାଇବା ଶୁଭଫଳ ଦେଇଥାଏ। କିନ୍ତୁ ଦକ୍ଷିଣ ଦିଗକୁ ମୁହଁ କରି ଖାଇବାକୁ ନେଇ ବାସ୍ତୁଶାସ୍ତ୍ରରେ ବାରଣ ରହିଛି। କୁହାଯାଏ, ଯେଉଁମାନଙ୍କର ମାତାପିତା ଜୀବିତ ଅଛନ୍ତି ସେମାନେ ଦକ୍ଷିଣ ଦିଗକୁ ମୁହଁ କରି ଖାଇବା ଠିକ୍ ନୁହେଁ।

✲ ଶେଯ ଉପରେ ବସି ଖାଦ୍ୟ ଖାଇବା ମଧ୍ୟ ଅନୁଚିତ୍। କାରଣ ଏହା ବ୍ୟକ୍ତିଙ୍କ ଜୀବନରେ ନକାରାତ୍ମକ ପ୍ରଭାବ ପକାଇଥାଏ।

✲ ସବୁବେଳେ ଖୁସି ଖୁସି ମନରେ ଭୋଜନ କଲେ ଶରୀର ସୁସ୍ଥ ରହିବା ସହ ମନକୁ ବେଶ୍ ଶାନ୍ତି ମିଳିଥାଏ।

✲ ଭୋଜନ ଏକାଥରେ ବସି ପେଟପୂରା ଖାଇସାରିକି ହିଁ ଉଠିବା ଦରକାର। ଖାଦ୍ୟ ଖାଇବା ସମୟରେ ବାରମ୍ବାର ଉଠିଲେ ମାତା ଲକ୍ଷ୍ମୀ ରୋଷ କରିଥାନ୍ତି ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୬-୧୨, ୨୦୨୫

**ମେଷ**
ଉଦ୍ୟମ ନିଷ୍ଫଳ ହେବନି, କର୍ମକ୍ଷେତ୍ରରେ ସମସ୍ୟା, ଋଣଭାର ବଢ଼ିବ, ଆନୁସଙ୍ଗିକ ସାହାଯ୍ୟ ଲାଭ, ଉର୍ଦ୍ଧ୍ୱମୁଖୀ ଆର୍ଥିକସ୍ଥିତି, ପାରିବାରିକ ଶାନ୍ତି, ପ୍ରଶାସନିକ ତତ୍ପରତା, ସାହିତ୍ୟ କୃତିତ୍ୱ ପ୍ରଶଂସା, ମକଦ୍ଦମାରେ ବିଜୟ ॥

**ବୃଷ**
ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ, ସମ୍ମାନିତ ହେବେ, ପାରିବାରିକ ଶାନ୍ତି, ନୂତନ ପ୍ରୋଜେକ୍ଟ ଆରମ୍ଭ, ଖର୍ଚ୍ଚଭାର ବୃଦ୍ଧି, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଆନୁଷ୍ଠାନିକ କାର୍ଯ୍ୟ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ପରିବହନରେ ବିବାଦ, ବିବାଦୀୟ ଘଟଣାରେ ବିଜୟ ॥

**ମିଥୁନ**
ଶାରୀରିକ ସୁସ୍ଥତା, ଆର୍ଥିକ ଅନଟନ, ଭ୍ରାତୃବିବାଦ ଉପୁଜିବ, ଅଂଶୀଦାର ବ୍ୟବସାୟରେ ମନୋମାଳିନ୍ୟ, ପଡ଼ୋଶୀଙ୍କ ଅସହିଷ୍ଣୁତା, ପରିବାରରେ ଉତ୍ତମ ବୁଝାମଣା, ନୂତନ ବନ୍ଧୁସମ୍ପର୍କ, କୂଟନୀତି ଦ୍ୱାରା ସମ୍ମାନପ୍ରାପ୍ତି, ପ୍ରିୟଜନଙ୍କ ଆଗମନ, ବକେୟା ଅର୍ଥ ଲାଭ ॥

**କର୍କଟ**
ଅଭିଳାଷ ପୂରଣ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପାରିବାରିକ ସୌଖ୍ୟ, କର୍ମକ୍ଷେତ୍ରରେ ସମସ୍ୟା, ପରିସ୍ଥିତି ବଦଳିଯିବ, ସଭାସମିତିକୁ ନିମନ୍ତ୍ରଣ, ସହକର୍ମୀଙ୍କ ସହ ଝଗଡ଼ା, ଯାନବାହନରେ ତ୍ରୁଟି ॥

**ସିଂହ**
କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି, ସମୟାନୁ ବର୍ତ୍ତିତାରୁ ପ୍ରଶଂସା, ଶିଳ୍ପବାଣିଜ୍ୟରେ ଉନ୍ନତି, ସମସ୍ୟାର ପରିସମାପ୍ତି, ପାରିବାରିକ ସହମତି, ସାମଜିକ ସମ୍ମାନ, ରାଜନୈତିକ ପୃଷ୍ଠପୋଷକତା, କଳାସାହିତ୍ୟରେ ସୁନାମ ॥

**କନ୍ୟା**
ମାନସିକ ଶାନ୍ତି, ପାରିବାରିକ ସହୃଦୟତା, ବ୍ୟବସାୟରେ ଉନ୍ନତି, ଏଜେନ୍ସି ବଢ଼ିବ, ସାଂଗଠନିକ ସଭା, ପ୍ରଶାସନିକ ତତ୍ପରତା, ପ୍ରକାଶନରେ ବିଳମ୍ବ, ଅଦାଲତରେ ବିଜୟ, ବନ୍ଧୁଙ୍କ ବିଶ୍ୱାସଘାତକତା, ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ, ନିର୍ମାଣରେ ଅଗ୍ରଗତି ॥

**ତୁଳା**
ଶାରୀରିକ ସୁସ୍ଥତା, ଅବଶୋଷର ପରିସମାପ୍ତି, ଉଦ୍ୟମନିଷ୍ଫଳ ହେବନି, ନୂତନ ଗୃହାରମ୍ଭ, ଯାନ୍ତ୍ରିକ ଜିନିଷ କ୍ରୟ, ଧର୍ମକାର୍ଯ୍ୟରେ ମନୋନିବେଶ, ସହକର୍ମୀଙ୍କ ପ୍ରେରଣା, ଅର୍ଥସଂକଟ ଦୂରୀଭୂତ ହେବ, ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ॥

**ବିଛା**
ଶୁଭ କାର୍ଯ୍ୟ ଆରମ୍ଭ କରିବେ, ଜମିଜମା କ୍ରୟବିକ୍ରୟ, କଳକବ୍ଜା ମରାମତି, ବ୍ୟବସାୟରେ ଲାଭ, ଘରୋଇ କଳହରୁ ଅଶାନ୍ତି,ପଦମର୍ଯ୍ୟାଦା ବୃଦ୍ଧି, ଦୂରଯାତ୍ରାରେ ସଫଳତା, ସନ୍ତାନହେତୁକ ଗୌରବ, ପରୋକ୍ଷଶତ୍ରୁଦ୍ୱାରା ବ୍ୟସ୍ତତା ॥

**ଧନୁ**
ସମସ୍ୟା ସମାଧାନ, ଆର୍ଥିକ ଦୂରବସ୍ଥା, ପାରିବାରିକ ଆଲୋଚନା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା, ଆତ୍ମୀୟସ୍ୱଜନଙ୍କ ପ୍ରେରଣା, ସରକାରୀ ସହାୟତା, ସହକର୍ମୀଙ୍କ ଅସହଯୋଗ, ଅର୍ଥ ସମ୍ପର୍କୀୟ ବିବାଦ ॥

**ମକର**
କର୍ମକ୍ଷେତ୍ରରେ ସମସ୍ୟା, ବୈଷୟିକ ଉନ୍ନତି, ପାରିବାରିକ ଶାନ୍ତି, ପଡ଼ୋଶୀଙ୍କ ଅପପ୍ରଚାର, ସନ୍ତାନଙ୍କ ବିଶୃଙ୍ଖଳା, କରଜଦାତାଙ୍କ ଚାପ, ବନ୍ଧୁମିଳନରେ ଖୁସି, ବ୍ୟବସାୟିକ କଳହ, ଧର୍ମକାର୍ଯ୍ୟରେ ବାଧା, ସହକର୍ମୀଙ୍କ ଉଦାରତା, ଗୃହୋପଯୋଗୀ ଜମି ଲାଭ ॥

**କୁମ୍ଭ**
ସୁସ୍ଥ ମାନସିକତା, ସ୍ଥଗିତ କର୍ମାରମ୍ଭ, ଭ୍ରାତୃସମ୍ପର୍କରେ ଉନ୍ନତି, ନୂତନ ସମ୍ପର୍କ ସୃଷ୍ଟି, ସାମୟିକ ସ୍ୱାସ୍ଥ୍ୟହାନୀ, କରଜଦାତାଙ୍କ ଚାପ, ବ୍ୟବସାୟିକ ସଫଳତା, ରାଜନୈତିକ ଆଲୋଚନା, ରଦ୍ଧଦ୍ୱାର ବୈଠକ, ସୁପରିକଳ୍ପିତ ଯୋଜନାରମ୍ଭ।

**ମୀନ**
ବିଳାସପ୍ରିୟ ହେବେ, ମନୋରଞ୍ଜନ କାର୍ଯ୍ୟକ୍ରମାରମ୍ଭ, ପାରିବାରିକ ବନ୍ଧୁମିଳନ, ସମସ୍ୟା ସମାଧାନ, ଟେନ୍ସନ କମିଯିବ, ଆଧ୍ୟାତ୍ମିକତାରେ ଉଦ୍‌ବୁଦ୍ଧ ହେବେ, ବିଦେଶଯାତ୍ରାର ସୁଯୋଗ, ଦର୍ଶନୀୟସ୍ଥାନ ପରିଦର୍ଶନ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟତା ॥

## ସକାଳୁ ଉଠି କ'ଣ ଦେଖିବେନି ...

ଧାର୍ମିକ ମାନ୍ୟତା ଅନୁଯାୟୀ, ଏମିତି ବି କିଛି ଜିନିଷ ରହିଛି; ଯାହାକୁ ଆମ ଜାଣତରେ ହେଉ କି ଅଜାଣତରେ ସକାଳୁ ନିଦରୁ ଉଠି ଦେଖିବା ଦ୍ୱାରା ମନ ଭିତରେ କ୍ରମେ ନକାରାତ୍ମକ ଭାବନା ସୃଷ୍ଟି ହେବାକୁ ଲାଗେ। ଯାହାର ପ୍ରଭାବ ଆମ ଦିନଚର୍ଯ୍ୟା ଉପରେ ବି ପଡ଼ିଥାଏ। ଏଭଳି ପରିସ୍ଥିତିରେ ସକାଳୁ ଉଠିବା କ୍ଷଣି କେଉଁ ଜିନିଷ ନ ଦେଖିବା ଆବଶ୍ୟକ, ସେ ନେଇ ଜ୍ଞାନୀଗୁଣୀ ବ୍ୟକ୍ତିମାନେ କିଛିଟା ଉପଦେଶ ଦେଇଛନ୍ତି। ଯେମିତି କି: ରାତିର ଅଇଁଠା ବାସନକୁ ସକାଳୁ ଉଠିବା କ୍ଷଣି ଦେଖିବା ଆଦୌ ଠିକ୍ ନୁହେଁ। କାରଣ ବିଶ୍ୱାସ ରହିଛି ଯେ, ଅଇଁଠା ବାସନ ବହୁ ସମୟ ଧରି ପଡ଼ି ରହିଲେ ମା' ଅନ୍ନପୂର୍ଣ୍ଣା କୁଆଡ଼େ ରୋଷ କରିଥାନ୍ତି। ଯାହା ଫଳରେ ଘରେ ଅଭାବ ଅସୁବିଧା ଲାଗି ରହିଥାଏ। ସେଥିପାଇଁ ରାତିର ଅଇଁଠା ବାସନକୁ ରାତିରେ ହିଁ ମାଜି ଶୋଇବା ଉତ୍ତମ ହୋଇଥାଏ। ସେହିପରି ସକାଳୁ ଉଠୁ ଉଠୁ ଖରାପ କିମ୍ବା ବନ୍ଦ ହୋଇଯାଇଥିବା ଘଣ୍ଟାକୁ ଦେଖିବା ଅଥବା ନିଜର କିମ୍ବା ଅନ୍ୟ କାହାର ଛାଇ ଦେଖିବା ମଧ୍ୟ କାର୍ଯ୍ୟରେ ବାଧା ସୃଷ୍ଟି କରିଥାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ ସକାଳୁ ଉଠିବା କ୍ଷଣି ସଙ୍ଗେସଙ୍ଗେ ଡଷ୍ଟବିନ୍ କି ଝାଡୁକୁ ଦେଖିବା ବି ଶୁଭ ହୋଇ ନ ଥାଏ। ଏହା କୁଆଡ଼େ ଆର୍ଥିକ ଦୁରବସ୍ଥାର କାରଣ ସାଜିଥାଏ ବୋଲି ବିଶ୍ୱାସ କରାଯାଏ।



## ପାଠକୀୟ

✲ ଏମାନେ ସମସ୍ତେ ଦୃଷ୍ଟିବାଧିତ ସତ, କିନ୍ତୁ ଭଜନ, ଜଣାଣ ଗାଇ ଭାବର ଆଖିରେ ଦର୍ଶନ କରିଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ। ତେଣୁ ଏଭଳି ଏକ ମନଛୁଆଁ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ 'ଦିବ୍ୟ ଭାବନାରେ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟିକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। 'କେଉଁଠି ରଖିବେ ମା' ଲକ୍ଷ୍ମୀଙ୍କ ଚରଣ ଚିହ୍ନ', 'ପିଲାଙ୍କ ରୁମ୍‌ରେ କ'ଣ ରଖିବା ଶୁଭ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।
– **ରଞ୍ଜନ ପଟ୍ଟନାୟକ, ପୁରୀ**

✲ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଦିବ୍ୟ ଭାବନାରେ' ଶୀର୍ଷକ ଆଲେଖ୍ୟଟି ଯେମିତି ହୃଦୟଛୁଆଁ ହୋଇଥିଲା ସେମିତି ପ୍ରେରଣାଦାୟୀ ବି ଥିଲା। 'କାଶୀ କ୍ଷେତ୍ରରେ ଶ୍ରୀଜଗନ୍ନାଥ' ଶୀର୍ଷକ ପାଠଟିରୁ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣିବାର ସୁଯୋଗ ମିଳିଲା। 'ମନଲୋଭା ରଙ୍ଗିନ ଥଣ୍ଟ' ଶୀର୍ଷକ ପାଠଟି ବି ଏକ ନିଆରା ଆଲେଖ୍ୟ ଥିଲା।
– **ଭବାନୀ ଦାଶ, ଝାରସୁଗୁଡ଼ା**

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ମେଘ ଓହଳ' ଶୀର୍ଷକ କବିତାଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ରାଜି ହେଲେ କାଜୋଲ', 'ଭାବି ନ ଥିଲେ ସନି', 'ଖୁସି ଅଛନ୍ତି ବିଦ୍ୟା' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା। – **ରାକେଶ ସୁବୁଦ୍ଧି, ଫୁଲବାଣୀ**

✲ କବି ସୁରଞ୍ଜନ ପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଲାଗୁଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଦୁପଟ୍ଟା ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ମଣ୍ଟୁ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସହର ପୃଷ୍ଠାରୁ 'ବେଙ୍ଗାଲୁରୁ ଜଗନ୍ନାଥ ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। – **ଦେବୀ ପ୍ରସାଦ ମହାନ୍ତି, କଟକ**

✲ ବିବିଧା ପୃଷ୍ଠାରୁ 'ପ୍ଲାଷ୍ଟିକ ବ୍ୟାଗର ଇତିହାସ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଖୋଜିଲେ ମିଳଇ ହରି, ଖୋଜିଲେ ବହୁ ଦୂର' ଶୀର୍ଷକ ପାଠଟି ବି ବେଶ୍ ହୃଦୟଛୁଆଁ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଗୋଟେ ଆଙ୍ଗୁଠିରେ ପୁଶ୍ ଅପ୍', 'କୁନି ଫ୍ୟାଶନ ଡିଜାଇନର୍', 'ଅଦ୍ଭୁତ ଚଢ଼େଇ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ଅଶ୍ଚର୍ଯ୍ୟକର ଥିଲା।
– **ପ୍ରଭାସିନୀ ଛୋଟରାୟ, ରାଉରକେଲା**




### ବିଶେଷ ଚିଠି

ଏଥରର ପ୍ରଚ୍ଛଦ ପ୍ରସଙ୍ଗ ଥିଲା
ଦିବ୍ୟ ଭାବନାରେ,
ଲାଗୁଥିଲା ନିଆରା ଯେମିତି
ବାନ୍ଧୁଥିଲା କରୁଣା ବି ସେମିତି।
ତା'ସାଙ୍ଗକୁ କାଶୀ କ୍ଷେତ୍ରରେ ଶ୍ରୀଜଗନ୍ନାଥ
ଥିଲା ଏକ ନୂଆ ଆଲେଖ୍ୟ,
ମନ କିଣି ନେଉଥିଲା ପୁଣି
ତୁମ ବ୍ୟଙ୍ଗ ପୃଷ୍ଠାର ପାଠ।
ହେ ମୋର ପ୍ରିୟ ଛୁଟିଦିନ
ସତରେ ତୁମେ ଭାରୀ ମହାନ୍।
– **ପଲ୍ଲବୀ ସାହୁ, ଭବାନୀପାଟଣା**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଅକାଳରେ ତାରକା

**ଗ୍ଲା**ମର ଦୁନିଆର ତାରକାମାନେ ନିଜ ଫିଟ୍‌ନେସ୍ ପ୍ରତି ଥାଆନ୍ତି ବେଶ୍ ସଚେତନ। ରେଗୁଲାର ଜିମ୍ ଯିବା ସହ ଯୋଗ କରନ୍ତି। ଆଉ ନିଜ ଡାଏଟ୍ ପ୍ରତି ବି ଥାଆନ୍ତି ଖୁବ୍ ସଚେତନ। ତଥାପି ବି କମ୍ ବୟସରେ ହୃଦ୍‌ଘାତରେ ଚାଲି ଯାଇଛି ଅନେକ ତାରକାଙ୍କ ଜୀବନ....

**ଶେଫାଲୀ ଜରିୱାଲା:** 'କାଣ୍ଟା ଲଗା ଗର୍ଲ' ତଥା 'ବିଗ୍‌ବସ୍ ୧୩'ର ଅନ୍ୟତମ ପ୍ରତିଯୋଗୀ ଭାବେ ପରିଚିତ ଗ୍ଲାମରସ୍ ଅଭିନେତ୍ରୀ ଶେଫାଲୀ ଜରିୱାଲାଙ୍କର ଚଳିତ ବର୍ଷ ଜୁନ୍ ୨୭ ତାରିଖରେ ମାତ୍ର ୪୨ ବର୍ଷ ବୟସରେ ମୃତ୍ୟୁ ହୋଇଛି। ଆଉ ମୃତ୍ୟୁର କାରଣ ହୃଦ୍‌ଘାତ ବୋଲି ସନ୍ଦେହ କରାଯାଉଛି। ନିୟମିତ ଜିମ୍ ଯାଉଥିବା, ଯୋଗ କରୁଥିବା ତଥା ହେଲ୍‌ଦି ଡାଏଟ୍ ଚାର୍ଟକୁ ଫଲୋ କରୁଥିବା ଶେଫାଲୀ କୁଆଡ଼େ ଡାକ୍ତରୀ ତଦାରଖରେ ଅନେକ ବର୍ଷ ଧରି ଆଣ୍ଟି ଏଜିଙ୍ଗ୍ ଇଞ୍ଜେକ୍‌ଶନ ବ୍ୟବହାର କରୁଥିଲେ। ମିଡିଆ ତଥ୍ୟ ଅନୁଯାୟୀ, ଯେଉଁଦିନ ତାଙ୍କର ମୃତ୍ୟୁ ହେଲା, ସେଦିନ ସେ କୁଆଡ଼େ ସତ୍ୟ ନାରାୟଣ ପୂଜା ପାଇଁ ଉପବାସ କରିଥିଲେ। ଉପବାସ ସତ୍ତ୍ୱେ ବି ସନ୍ଧ୍ୟାରେ ସେ ଆଣ୍ଟି ଏଜିଙ୍ଗ୍ ଇଞ୍ଜେକଶନ ନେବାକୁ ଭୁଲି ନ ଥିଲେ। ଖାଲି ପେଟରେ ଇଞ୍ଜେକଶନ ନେଇଥିବା ହେତୁ ତାହା ରିଆକ୍ସନ୍ ହୋଇ କ୍ରମେ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାକୁ ଲାଗିଲା। ବ୍ଲଡ୍ ପ୍ରେସର୍ ଖୁବ୍ କମିଯିବା ସହ ସେ ଥରିବାକୁ ଲାଗିଲେ। ଆଉ ତା'ପରେ ତାଙ୍କର ହୃଦ୍‌ଘାତ ହୋଇ ମୃତ୍ୟୁ ହୋଇଥିବା କଥା ଏବେ ବେଶ୍ ଭାଇରାଲ ହେଉଛି। ତେବେ ସେ ଯାହା ବି ହେଉ ଏକାଧିକ ରିୟାଲିଟି ଶୋ', ଫିଲ୍ମ, ମ୍ୟୁଜିକ୍ ଭିଡିଓରେ କାମ କରି ବେଶ୍ ଲୋକପ୍ରିୟତା ହାସଲ କରିଥିବା ଶେଫାଲୀଙ୍କର ଏତେ କମ୍ ବୟସରେ ମୃତ୍ୟୁକୁ କେହି ସହଜରେ ଗ୍ରହଣ କରି ପାରୁନାହାନ୍ତି।

**ସିଦ୍ଧାର୍ଥ ଶୁକ୍ଲା:** 'ବାଲିକା ବଧୂ' ସିରିୟଲ ବ୍ୟତୀତ 'ବିଗ୍‌ବସ୍ ୧୩'ରେ ବିଜେତା ହୋଇ ବହୁ ଲୋକପ୍ରିୟତା ହାସଲ କରିଥିଲେ ସିଦ୍ଧାର୍ଥ। ହ୍ୟାଣ୍ଡସମ୍ ଚେହେରା ସାଙ୍ଗକୁ ବଳିଷ୍ଠ ଶରୀର। ରେଗୁଲାର ଜିମ୍ ଯାଇ ଖୁବ୍ ଫିଟ୍ ଥିଲେ ସେ। ୨୦୨୧ ମସିହା, ସେପ୍ଟେମ୍ବର ୨ ତାରିଖ ଦିନ ସେ ତାଙ୍କ ମା'ଙ୍କୁ କହିଲେ ଛାତିରେ ଖୁବ୍ ଯନ୍ତ୍ରଣା ହେଉଛି। ଏହାର କିଛି ସମୟ ପରେ ସକାଳ ୧୦.୩୦ ମିନିଟରେ ହୃଦ୍‌ଘାତର ଶିକାର ହେଲେ। ଆଉ ମାତ୍ର ୪୦ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ତାଙ୍କର ଏଭଳି ଅକାଳ ବିୟୋଗକୁ ନେଇ ସେ ସମୟରେ ସୋସିଆଲ୍ ମିଡିଆରୁ ନୂଆ ନୂଆ କଥା ଶୁଣିବାକୁ ମିଳୁଥିଲା। କିଏ କହୁଥିଲେ, ସିଦ୍ଧାର୍ଥ ଖୁବ୍ ଧୂମ୍ରପାନ କରୁଥିଲେ ; ଯାହାର ପ୍ରଭାବରେ ତାଙ୍କର ଏଭଳି ହୃଦ୍‌ଘାତ ହେଲା। ସେହିପରି ଆଉ କେହି କେହି ମତ ଦେଉଥିଲେ, ସିଦ୍ଧାର୍ଥ କୁଆଡ଼େ ନିଜକୁ ଫିଟ୍ ରଖିବା ପାଇଁ ଷ୍ଟେରୋଏଡ୍ ବ୍ୟବହାର କରୁଥିଲେ। ଯାହା ତାଙ୍କ ମୃତ୍ୟୁ ପଛର ଅନ୍ୟ ଏକ କାରଣ ବୋଲି ସାଧାରଣରେ ଚର୍ଚ୍ଚା ହୋଇଥିଲା।

**ରାଜୁ ଶ୍ରୀବାସ୍ତବ:** ଭାରତର ଜଣେ ଲୋକପ୍ରିୟ ତଥା ପ୍ରସିଦ୍ଧ ହାସ୍ୟ କଳାକାର ଥିଲେ ରାଜୁ ଶ୍ରୀବାସ୍ତବ। 'ଦ ଗ୍ରେଟ୍ ଇଣ୍ଡିଆନ ଲାଫ୍ଟର ଚ୍ୟାଲେଞ୍ଜ' କାର୍ଯ୍ୟକ୍ରମରୁ ପ୍ରସିଦ୍ଧି ପାଇଥିବା ରାଜୁ ସମସ୍ତଙ୍କୁ ହସାଇ ହସାଇ ବେଦମ୍ କରାଉଥିଲେ। କେବଳ ଯେ ସେ ଜଣେ ହାସ୍ୟ କଳାକାର ଥିଲେ ତାହା ନୁହେଁ ରାଜନୀତିରେ ବି ସକ୍ରିୟ ଥିଲେ। ହେଲେ ୨୦୨୨ ଅଗଷ୍ଟ ୧୦ ତାରିଖ ଦିନ ଜିମ୍‌ରେ ୱାର୍କ ଆଉଟ୍ କଲାବେଳେ ହଠାତ୍ ତାଙ୍କର ହୃଦ୍‌ଘାତ ହେଲା। ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ଆଇସିୟୁରେ ୪୧ ଦିନ ରହିଲେ। ଶେଷରେ ସେପ୍ଟେମ୍ବର ୨୧ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କଲେ। କେହି ବିଶ୍ୱାସ କରିପାରିଲେ ନାହିଁ ସମସ୍ତଙ୍କୁ ହସାଉଥିବା ମଣିଷଟି ଆଉ ଜୀବିତ ନାହାନ୍ତି ବୋଲି। ମୃତ୍ୟୁବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା।

**କେକେ:** ନିଜ ମଧୁର କଣ୍ଠର ଯାଦୁରେ କୋଟି କୋଟି ଶ୍ରୋତାଙ୍କ ହୃଦୟ ସେ ଜିଣିଥିଲେ। ରୋମାଣ୍ଟିକ ଗୀତ ଗାଇ ପରିବେଶକୁ ରଙ୍ଗିନ କରିଦେଉଥିଲେ। ବିରହ ଗୀତ ଗାଇ ଆଖିରୁ ଲୁହ ଝରାଇପାରୁଥିଲେ। ବଲିଉଡ୍‌ର ଜଣେ ଆଗଧାଡ଼ିର ପ୍ଲେବ୍ୟାକ୍ ସିଙ୍ଗର ଥିଲେ କେକେ(କ୍ରିଷ୍ଣକୁମାର କୁନ୍ନଥ)। ସମସ୍ତଙ୍କ ହୃଦୟରେ ଘର କରିଥିବା ସେହି ମଣିଷଟି ଯେ ଏତେ ଜଲ୍‌ଦି ସମସ୍ତଙ୍କୁ ଛାଡି ଚାଲିଯିବେ କେହି କେବେ ସ୍ୱପ୍ନରେ ବି ଭାବି ନ ଥିଲେ। ୨୦୨୨, ମେ' ୩୧ ତାରିଖ ଦିନ କୋଲକାତାର ନଜରୁଲା ମଞ୍ଚରେ ପରଫର୍ମ କରି ଫେରିଲା ସମୟରେ ସେ ଛାତିରେ କଷ୍ଟ ଅନୁଭବ କରିଥିଲେ। ଆଉ ପରେ ସେ ହୃଦ୍‌ଘାତରେ ମୃତ୍ୟୁବରଣ କଲେ। କୁହାଯାଉଛି ସେ ପରଫର୍ମ କରୁଥିବା ସମୟରେ ତାଙ୍କର ପ୍ରବଳ ଝାଳ ବୋହୁଥିଲା। କାରଣ ସେଠାକାର ଏସି କାମ କରୁ ନ ଥିଲା। ତା'ସାଙ୍ଗକୁ ଥିଲା ପ୍ରବଳ ଗହଳି। କେକେ ପରଫର୍ମ କରି ସେ ରହୁଥିବା ହୋଟେଲକୁ ଆସିବା ପରେ ହାତଗୋଡ ଥଣ୍ଡା ହୋଇ ହଠାତ୍ ହୃଦ୍‌ଘାତରେ ଟଳି ପଡ଼ିଥିଲେ। ମାତ୍ର ୫୩ ବର୍ଷ ବୟସରେ ସେ ଦୁନିଆକୁ ଛାଡି ଚାଲିଗଲେ।

**ପୁନିଥ ରାଜକୁମାର:** ଦକ୍ଷିଣ ଭାରତୀୟ ଅଭିନେତା ପୁନିଥ ରାଜକୁମାର କେବଳ ଯେ ନିଜ ଅଭିନୟର ଯାଦୁରେ ସମସ୍ତଙ୍କ ହୃଦୟ ଜିଣିଥିଲେ ତାହା ନୁହେଁ, ଅନେକ ଜନହିତକର କାର୍ଯ୍ୟ କରି ସାଧାରଣ ମଣିଷମାନଙ୍କର ଭଗବାନ ପାଲଟିଥିଲେ। ଗରିବଙ୍କ ମନ କଥା ବୁଝୁଥିବା ମଣିଷ ସେ ଥିଲେ। ୨୦୨୧ ଅକ୍ଟୋବର ୨୯ ତାରିଖ ଦିନ ସେ ତାଙ୍କ ସ୍ତ୍ରୀଙ୍କୁ କହିଥିଲେ, ଦେହ ଭଲ ଲାଗୁନି ବୋଲି। ତେଣୁ ତାଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲା। ହେଲେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ହିଁ ତାଙ୍କର ମୃତ୍ୟୁ ହୋଇଗଲା। ପରେ ଡାକ୍ତର କହିଲେ ତାଙ୍କର ମୃତ୍ୟୁ ହୃଦ୍‌ଘାତରୁ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୪୬ ବର୍ଷ ବୟସ ହୋଇଥିଲା।

**ମାଇକେଲ୍ ଜାକ୍‌ସନ:** 'କିଙ୍ଗ୍ ଅଫ୍ ପପ୍'ଭାବେ ଜଣାଶୁଣା ମାଇକେଲ୍ ଜାକ୍‌ସନଙ୍କୁ କିଏ ବା ନ ଜାଣେ। ସେ ଥିଲେ ଜଣେ ଲୋକପ୍ରିୟ ଆମେରିକାନ୍ ସିଙ୍ଗର୍, ସଙ୍ଗ୍ ରାଇଟର୍, ଡ୍ୟାନ୍ସର୍ ଏବଂ ଫିଲାନ୍‌ଥ୍ରୋପିଷ୍ଟ। ତାଙ୍କ ଚିତ୍ତାକର୍ଷକ ଗୀତ ଆଉ ନାଚର ପୂରା ଦୁନିଆ ଦିୱାନା ଥିଲା। ସୂଚନା ରହିଛି ଯେ, ମାଇକେଲ୍ ଜାକ୍‌ସନ କୁଆଡ଼େ →

**ଗ୍ଲାମର୍ସ ଦେଖାଯିବା ସହ ବୟସକୁ ବାନ୍ଧି ରଖିବାର ନିଶା ହେଉ କି ଅତ୍ୟଧିକ ଜିମ୍ ବା ଅତ୍ୟଧିକ ନିଶାସେବନ କିମ୍ବା ମାନସିକ ଚାପ ; କାରଣ ଯାହା ବି ହେଉ, ମୃତ୍ୟୁର କାରଣ କିନ୍ତୁ ହୃଦ୍‌ଘାତ। ଯେଉଁଥିପାଇଁ କି ଅକାଳରେ ଚାଲିଯାଉଛନ୍ତି ତାରକା...**



ପୁନିଥ ରାଜକୁମାର

କେକେ

ଶେଫାଳୀ ଜରିୱାଲା

ନିଜ ଜୀବନ ଆଉ ଶରୀରକୁ ଖୁବ୍ ଭଲ ପାଉଥିଲେ। ୧୫୦ ବର୍ଷ ବଞ୍ଚିବାର ଇଚ୍ଛା ତାଙ୍କର ଥିଲା। ଯେଉଁଥିପାଇଁ ସେ ପ୍ରାୟତଃ ଅକ୍ସିଜେନ୍ ଚାମ୍ବରରେ ଶୋଉଥିଲେ। କାରଣ ତାଙ୍କର ବିଶ୍ୱାସ ଥିଲା ଯେ, ଏପରି କଲେ ଶରୀର ସୁସ୍ଥ ରହିବା ସହ ଆୟୁଷ ବଢିଥାଏ। ତା'ସହିତ ସେ ତାଙ୍କ ସ୍କିନ୍ ଓ ଲୁକ୍ସକୁ ଆକର୍ଷଣୀୟ କରାଇବାକୁ ବହୁବାର ପ୍ଲାଷ୍ଟିକ୍ ସର୍ଜରୀ ବି କରାଇଥିଲେ। ସେହିପରି ୧୨ ଜଣ ଡାକ୍ତରଙ୍କର ଏକ ଟିମ୍‌କୁ ସେ ସବୁବେଳେ ନିଜ ପାଖେପାଖେ ରଖୁଥିଲେ। କେବଳ ସେତିକି ନୁହେଁ, ନିଜ ବଡି ଫିଟ୍‌ନେସ୍ ପାଇଁ ୧୫ ଜଣ ଟ୍ରେନରଙ୍କୁ ବି ସେ ନିଯୁକ୍ତି ଦେଇଥିଲେ। ଅଜଣା ଲୋକଙ୍କ ସହ ମିଶିବା ପୂର୍ବରୁ ମାସ୍କ ଆଉ ଗ୍ଲୋଭ୍ସ ପିନ୍ଧିବାକୁ ମଧ୍ୟ ସେ ଭୁଲୁ ନ ଥିଲେ। ଏସବୁ ସତ୍ତ୍ୱେ ବି ୨୫ ଜୁନ୍ ୨୦୦୯ରେ ହୃଦ୍‌ଘାତ ଯୋଗୁ ମାତ୍ର ୫୦ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହେଲା। ତାଙ୍କ ମୃତ୍ୟୁକୁ ନେଇ ସେ ସମୟରେ ଅନେକ ଚର୍ଚ୍ଚା ବି ଉଠିଲା। କିଏ


## ଅତ୍ୟଧିକ ବ୍ୟାୟାମ ହୃଦ୍‌ଘାତର କାରଣ ହୋଇପାରେ

**-ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ (ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ)**

ଅତ୍ୟଧିକ ବ୍ୟାୟାମ ହୃଦ୍‌ଘାତ ଓ ହଠାତ୍ ମୃତ୍ୟୁର ଏକ ମୁଖ୍ୟ କାରଣ। ଆଗକାଳରେ ହୃଦ୍‌ଘାତ ବେଶି ବୟସରେ ହେଉଥିଲା, କିନ୍ତୁ ଏବେ ଅଳ୍ପ ବୟସରେ ପ୍ରାୟ ୪୦ ବର୍ଷ ବା ତା'ଠାରୁ କମ୍ ବୟସରେ ହୃଦ୍‌ଘାତଜନିତ ମୃତ୍ୟୁ ହେଉଛି। ହୃତ୍‌ପିଣ୍ଡ ମଣିଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ହୃତ୍‌ପିଣ୍ଡର ମାଂସପେଶୀର ପମ୍ପକୁ ଶରୀରର ସମସ୍ତ ଅଙ୍ଗରୁ ଦୂଷିତ ରକ୍ତ ଆସିଥାଏ ଏବଂ ଏହା ବିଶୁଦ୍ଧୀକରଣ ପାଇଁ ଫୁସ୍‌ଫୁସ୍‌କୁ ପ୍ରେରିତ ହୋଇ ସେଠାରୁ ବିଶୁଦ୍ଧ ରକ୍ତ ସାରା ଶରୀରକୁ ସଞ୍ଚାଳିତ ହୋଇଥାଏ। ଆଗରୁ କୌଣସି ଲକ୍ଷଣ ନ ଥାଇ ମଧ୍ୟ ହୃତ୍‌ପିଣ୍ଡର କରୋନାରୀ ଧମନୀରେ କୋଲେଷ୍ଟରଲ ପ୍ଲାକ୍ ଜମିଯାଏ। ଯୁବା ବୟସରେ ହୃଦ୍‌ଘାତର ମୁଖ୍ୟ କାରଣ ହେଉଛି ରକ୍ତରେ ଅତ୍ୟଧିକ କୋଲେଷ୍ଟରଲ ବା ଚର୍ବି ଅଂଶ, ଉଚ୍ଚ ରକ୍ତଚାପ, ଧୂମପାନ, ଡ୍ରଗ୍ସ ସେବନ, ଅତ୍ୟଧିକ ମୋଟାପଣ, ବେଶି ଚର୍ବିଯୁକ୍ତ ଖାଦ୍ୟ (ଫାଷ୍ଟ ଫୁଡ୍ ବା ଜଙ୍କ୍ ଫୁଡ୍), ମାନସିକ ଚାପ, ବ୍ୟାୟାମର ଅଭାବ ତଥା ଅନିୟନ୍ତ୍ରିତ ଜୀବନଶୈଳୀ। ବ୍ୟାୟାମଜନିତ ହୃଦ୍‌ଘାତ କେବଳ ଯେ ହାର୍ଟ ଆଟାକ୍ କରିଥାଏ ତାହା ନୁହେଁ ହୃତ୍‌ପିଣ୍ଡର କ୍ରିୟାରେ ମଧ୍ୟ ଅନିୟମିତତା କରି ହୃଦ୍‌ଯନ୍ତ୍ରର କ୍ରିୟାକୁ ବନ୍ଦ କରେ ଓ ସଙ୍ଗେ ସଙ୍ଗେ ମୃତ୍ୟୁ ହୋଇଥାଏ। ୨୫ ବର୍ଷରୁ ୫୦ ବର୍ଷ ଭିତରେ ଯେତେ ରୋଗୀଙ୍କ ହଠାତ୍ ମୃତ୍ୟୁ ହୋଇଥାଏ ତା' ମଧ୍ୟରୁ ୯୯ ପ୍ରତିଶତ ହେଉଛନ୍ତି ଧୂମପାନ କରୁଥିବା ବ୍ୟକ୍ତି।

କହିଲେ, ଡ୍ରଗ୍ସ ଓଭର୍ ଡୋଜ୍ ଯୋଗୁ ତାଙ୍କର ଅକାଳ ବିୟୋଗ ହେଲା ତ ଆଉ କିଏ ସନ୍ଦେହ କଲେ ମାତ୍ରାଧିକ ସର୍ଜରୀ ତାଙ୍କ ମୃତ୍ୟୁର କାରଣ ସାଜିଲା। ତେବେ ସେ ଯାହା ବି ହେଉ, ମୃତ୍ୟୁ ପରେ ବି ମାଇକେଲ୍ ଜାକ୍ସନ ସମସ୍ତଙ୍କ ହୃଦୟରେ ଏବେ ବି ଅମର ହୋଇ ରହିଛନ୍ତି।

**ମଧୁବାଳା:** ଭାରତୀୟ ହିନ୍ଦୀ ସିନେମା ଜଗତର ଜଣେ ଲୋକପ୍ରିୟ ଅଭିନେତ୍ରୀ ଥିଲେ ମଧୁବାଲା। ପାଖାପାଖି ୭୦ଟି ସିନେମାରେ ନିଖୁଣ ଅଭିନୟ କରି ସେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ତାଙ୍କ ଅଭିନୀତ ଅଧିକାଂଶ ସିନେମା ସେ ସମୟରେ ହିଟ୍ ହେଉଥିଲା। ମିଷ୍ଟର ଆଣ୍ଡ ମିସେସ୍ ୫୫, ଚଲ୍‌ତି କା ନାମ ଗାଡ଼ି, ହାଫ୍ ଟିକେଟ୍, ବରସାତ୍ କି ରାତ୍, ମୁଗଲ-ଇ-ଆଜମ୍ ଇତ୍ୟାଦି ହେଲା ମଧୁବାଲାଙ୍କ ଅଭିନୀତ କିଛି ଲୋକପ୍ରିୟ ସିନେମାର ତାଲିକା। ମଧୁବାଲା ତାଙ୍କ ସମୟର ଜଣେ ହାଏଷ୍ଟ ପେଡ୍ ଅଭିନେତ୍ରୀ ଭାବେ ବି ଚର୍ଚ୍ଚିତ ଥିଲେ। ଆକର୍ଷଣୀୟ ରୂପ ସାଙ୍ଗକୁ






ମଧୁବାଲା



ରାଜ କୌଶଲ



ରାଜୁ ଶ୍ରୀବାସ୍ତବ



ମାଇକେଲ ଜାକ୍ସନ



ସିଦ୍ଧାର୍ଥ ଶୁକ୍ଳା

ନିଖୁଣ ଅଭିନୟ ତାଙ୍କୁ ଗୋଟେ ପରେ ଗୋଟେ ସଫଳତା ଆଣି ଦେଉଥିଲା। ହେଲେ ଦୁଃଖର ବିଷୟ, ୧୯୬୯ରେ ତାଙ୍କ ଦେହ ଭୀଷଣ ଖରାପ ହେଲା। ଜଣ୍ଡିସ୍ ସାଙ୍ଗକୁ ୟୁରିନାରି ପ୍ରୋବ୍ଲେମ୍ ତାଙ୍କର ରହିଥିଲା। ତା'ସାଙ୍ଗକୁ ମଧୁବାଲାଙ୍କର ପୂର୍ବରୁ ହାର୍ଟ ପ୍ରୋବ୍ଲେମ୍ ବି ଥିଲା। ସେ ନେଇ ତାଙ୍କର ଚିକିତ୍ସା ବି ଚାଲିଥିଲା। କିନ୍ତୁ ଦୁର୍ଭାଗ୍ୟ ୧୯୬୯ ମସିହା ଫେବୃୟାରୀ ୨୨ ତାରିଖ ରାତିରେ ମଧୁବାଲାଙ୍କର ହୃଦ୍‌ଘାତ ହେଲା। ତାଙ୍କୁ ବଞ୍ଚାଇବା ପାଇଁ ବହୁ ଚେଷ୍ଟା କରାଗଲା। ହେଲେ ୨୩ ଫେବୃୟାରୀରେ ମାତ୍ର ୩୬ ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ହୋଇଗଲା।

**ରାଜ କୌଶଲ:** ଡାଇରେକ୍ଟର, ପ୍ରଡ୍ୟୁସର୍ ରାଜ୍ କୌଶଲଙ୍କର ମଧ୍ୟ ୩୦ ଜୁନ୍ ୨୦୨୧ରେ ମାତ୍ର ୫୦ ବର୍ଷ ବୟସରେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସୂଚନା ରହିଛି। ରାଜ୍ କୌଶଲଙ୍କର ଅନ୍ୟ ଏକ ପରିଚୟ ହେଲା, ସେ ଲୋକପ୍ରିୟ ଅଭିନେତ୍ରୀ, ଫ୍ୟାଶନ ଡିଜାଇନର୍ ତଥା ଟେଲିଭିଜନ୍ ପ୍ରେଜେଣ୍ଟର୍ ମନ୍ଦିରା ବେଦୀଙ୍କର ସ୍ୱାମୀ। ହେଲେ ରାଜ୍‌ଙ୍କର ଏହି ଅକାଳ ବିୟୋଗ ସେ ସମୟରେ କେବଳ ମନ୍ଦିରାଙ୍କୁ ନୁହେଁ, ପୂରା ଫିଲ୍ମ ଇଣ୍ଡଷ୍ଟ୍ରିକୁ ଏକ ଶକ୍ତ ଧକ୍କା ଦେଇଥିଲା।

**ହୃଦ୍‌ଘାତର ଶିକାର ହୋଇ ଏବେ ସୁସ୍ଥ ଥିବା କିଛି ପ୍ରସିଦ୍ଧ ଚେହେରା:** ଏହାବାଦ୍ ୨୦୦୭ ମସିହାରେ ସୈଫ ଅଲ୍ଲୀ ଖାଁଙ୍କୁ ଯେବେ ମାତ୍ର ୩୬ ବର୍ଷ ବୟସ ହୋଇଥିଲା, ସେ ମାଇଲ୍ଡ ହାର୍ଟ ଆଟାକ୍‌ର ଶିକାର ହୋଇଥିଲେ। ହେଲେ ଚିକିତ୍ସା ପରେ ଏବେ ସେ ସୁସ୍ଥ ଜୀବନ ଅତିବାହିତ କରୁଛନ୍ତି। ସେହିପରି ୪୫ ବର୍ଷ ବୟସରେ ପ୍ରସିଦ୍ଧ କୋରିଓଗ୍ରାଫର୍ ରେମୋ ଡିସୁଜା ବି ହୃଦ୍‌ଘାତର ଶିକାର ହୋଇଥିଲେ। ୨୦୨୦ ଡିସେମ୍ବର ୧୧ ତାରିଖରେ ତାଙ୍କର ଆଞ୍ଜିଓପ୍ଲାଷ୍ଟି ହୋଇଥିଲା। ଏବେ ସେ ସୁସ୍ଥ ଜୀବନ ଅତିବାହିତ କରୁଛନ୍ତି। ସେହିଭଳି ୨୦୨୨ ମସିହାରେ ପ୍ରସିଦ୍ଧ ହାସ୍ୟାଭିନେତା ସୁନୀଲ ଗ୍ରୋଭର୍ ବି ହୃଦ୍‌ଘାତର ଶିକାର ହୋଇଥିଲେ। ସେତେବେଳେ ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ତାଙ୍କର ଚାରୋଟି ବାଇପାସ୍ ସର୍ଜରୀ ହୋଇଥିଲା। ଏବେ ସେ ସୁସ୍ଥ ଅଛନ୍ତି। ୨୦୨୩ ମସିହାରେ, ପୂର୍ବତନ ମିସ୍ ୟୁନିଭର୍ସ ସୁସ୍ମିତା ସେନ୍‌ଙ୍କୁ ଯେବେ ୪୭ ବର୍ଷ ବୟସ ସେ ବି ହୃଦ୍‌ଘାତ୍‌ର ଶିକାର ହୋଇଥିଲେ। ତାଙ୍କର ଆଞ୍ଜିଓପ୍ଲାଷ୍ଟି ହୋଇଥିଲା ଓ ତାଙ୍କ ହୃତ୍‌ପିଣ୍ଡରେ ଏକ ଷ୍ଟେଣ୍ଟ ଲଗାଯାଇଥିଲା।

କେବଳ ଏମାନେ ନୁହନ୍ତି, ଆହୁରି ବି ଅନେକ ସେଲିବ୍ରିଟି ଏମିତି ହୃଦ୍‌ଘାତର ଶିକାର ହୋଇ କିଏ ମୃତ୍ୟୁବରଣ କରିଛନ୍ତି ତ କିଏ ଚିକିତ୍ସା ହୋଇ ଏବେ ସୁସ୍ଥ ଅଛନ୍ତି। ଆଉ ସେମାନଙ୍କର ଏଭଳି ଅସୁସ୍ଥତାକୁ ତାଙ୍କ ପ୍ରଶଂସକମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି କି ତାଙ୍କୁ ଭୁଲିପାରି ନାହାନ୍ତି।

**-ଶିବାନୀ, ଅନ୍ୱିତା**

# ଗଜରା ନା ଫ୍ଲାୱାର୍ ବନ୍









**ଗଜରା ଝିଅ ବୋହୂଙ୍କୁ ଆକର୍ଷଣୀୟ ରୟାଲ୍ ଲୁକ୍ ଦେଉଥିବା ବେଳେ, ଫ୍ଲାୱାର୍ ବନ୍ ମଡର୍ଣ୍ଣ ଲୁକ୍ ଦେଇଥାଏ। ପୂର୍ବେ ବାହାଘର ହେଉକି କୌଣସି ପୂଜାପର୍ବରେ ଝିଅବୋହୂମାନେ ମଥାରେ ଗଜରା ଲଗାଉଥିଲେ। ଏବେ ବି ଲଗାଉଛନ୍ତି। ହେଲେ ବର୍ତ୍ତମାନ ସମୟରେ ଫ୍ଲାୱାର୍ ବନ୍‌ର ଖୁବ୍ ଟ୍ରେଣ୍ଡ ରହିଛି। ତେବେ ଏହି ଦୁଇ ହେୟାର୍ ଷ୍ଟାଇଲ୍ ମଧ୍ୟରେ କ'ଣ ବିଶେଷ ପାର୍ଥକ୍ୟ ରହିଛି ଜାଣନ୍ତୁ ସେ ସମ୍ପର୍କରେ ...**

ଗଜରା ହେଉଛି ଏକ ପ୍ରକାର ଫୁଲର ହାର ; ଯାହାକୁ ଖାସ୍ କରି ଦକ୍ଷିଣ ଭାରତୀୟ ମହିଳାମାନେ ପ୍ରତିଦିନ ସେମାନଙ୍କ କେଶକୁ ସଜାଇବା ପାଇଁ ବ୍ୟବହାର କରିଥାନ୍ତି। ତେବେ ବାହାଘର, ପୂଜାପର୍ବ ତଥା ଅନ୍ୟ କୌଣସି ପାରମ୍ପରିକ ଉତ୍ସବରେ ସେମାନେ ଖୋସା ଓ ବେଣୀକୁ ଅଧିକ ଫୁଲରେ ସଜାଇବାକୁ ପସନ୍ଦ କରିଥାନ୍ତି। ସମୟକ୍ରମେ ଗଜରା ଫ୍ୟାଶନକୁ ଅନ୍ୟ ଝିଅବୋହୂମାନେ ବି ପସନ୍ଦ କରି ତାକୁ ଆପଣେଇଛନ୍ତି। ବିଶେଷକରି ମଲ୍ଲି, ଗୋଲାପ, ରଜନୀଗନ୍ଧା, ଇଟମଳା ଆଦି ଫୁଲ ଗଜରାର ଚାହିଦା ସବୁବେଳେ ରହିଆସିଛି।

ଅନ୍ୟପକ୍ଷେ ଫ୍ଲାୱାର୍ ବନ୍ ; ଯାହାକୁ ଫୁଲର ଖୋସା ବି କୁହାଯାଇପାରେ। ଏହା ଏକ ମଡର୍ଣ୍ଣ ଲୁକ୍ ଦେଉଥିବା ଟ୍ରେଣ୍ଡି ହେୟାର୍ ବନ୍। ଏଥିରେ ଝିଅବୋହୂମାନେ ଚାହିଁଲେ ମୁଣ୍ଡରେ ବିଭିନ୍ନ ପ୍ରକାରର ଖୋସା କରି ସେଥିରେ ଭିନ୍ନ ଭିନ୍ନ ପ୍ରକାର ତଥା ରଙ୍ଗର ଫୁଲକୁ ଲଗାଇ ପାରିବେ ; ଯାହା ସେମାନଙ୍କର ଲୁକ୍‌କୁ ଆହୁରି ଆକର୍ଷଣୀୟ କରିଦେବ। ଏବେ ତ ବାହାଘରରେ ବି ଝିଅବୋହୂମାନେ କେଶରେ ସୁନ୍ଦର ସୁନ୍ଦର ଫ୍ଲାୱାର୍ ବନ୍ କରି ଡିଫରେଣ୍ଟ ଲୁକ୍ ପାଇ ପାରୁଛନ୍ତି।

**କାହାର କେଉଁଠି ବ୍ୟବହାର:** ଗଜରାକୁ ବିଭିନ୍ନ ପାରମ୍ପରିକ ଅବସର ଯେମିତିକି ବାହାଘର, ପୂଜା, ବ୍ରତ, ଧାର୍ମିକ ତଥା ସାଂସ୍କୃତିକ ଉତ୍ସବ ଆଦିରେ ଷ୍ଟାଇଲ୍ କରିବା ପରଫେକ୍ଟ ହୋଇଥାଏ। ସେହିପରି ଫ୍ଲାୱାର୍ ବନ୍‌କୁ ବି ଝିଅବୋହୂମାନେ ଚାହିଁଲେ ବିଭିନ୍ନ ପାରମ୍ପରିକ ଅବସରରେ ଟ୍ରାଏ କରିପାରିବେ। ତା'ସହିତ ସେମାନେ ବିଭିନ୍ନ ପ୍ରକାରର ଫ୍ୟାଶନ ଫରୱାର୍ଡ ଇଭେଣ୍ଟରେ ବି ଫ୍ଲାୱାର୍ ବନ୍‌ର ଷ୍ଟାଇଲ୍‌କୁ ଆପଣେଇ ପାରିବେ।

**କାହାକୁ କେମିତି ଷ୍ଟାଇଲ୍ କରିବେ:** କେଶରେ ଗଜରା ଲଗାଇବା ଯେତିକି ସହଜ ଜଣାପଡେ ପ୍ରକୃତରେ ସେତିକି ସହଜ ହୋଇ ନଥାଏ। କାରଣ ଏଥିରେ ଫୁଲକୁ କେଶରେ ଠିକ୍ ଭାବେ ଫିକ୍ସ କରିବାକୁ ହୋଇଥାଏ। ନଚେତ୍ ଗଜରା ଲୁକ୍ ସେତେଟା ଆକର୍ଷଣୀୟ ଲାଗେ ନାହିଁ। ସେହିପରି କେଶରେ ଫ୍ଲାୱାର୍ ବନ୍ କଲାବେଳେ ବି ଜଗି ରଖି କରିବାକୁ ହୋଇଥାଏ। ଖାସ୍ କରି ଅକେଜନ୍ ଅନୁଯାୟୀ, କେଶରେ ଫ୍ଲାୱାର୍ ବନ୍ କଲାବେଳେ କେଉଁ ଫୁଲ ଲଗାଇଲେ ପରଫେକ୍ଟ ଲୁକ୍ ମିଳିପାରିବ ସେ ନେଇ ବି ବିଶେଷ ଧ୍ୟାନ ଦେବାକୁ ହୋଇଥାଏ। ଯେମିତିକି ବାହାଘରବେଳେ ଗୋଲାପ ଫୁଲ କି ମଲ୍ଲି ଫୁଲର ହେୟାର୍ ବନ୍ କରିବା ଆକର୍ଷଣୀୟ ଲାଗୁଥିବାବେଳେ ଅନ୍ୟ କୌଣସି ଛୋଟମୋଟ ଫଙ୍କସନ୍‌ରେ ହାଲ୍‌କା ଆର୍ଟିଫିସିଆଲ୍ ଫ୍ଲାୱାର୍ ବନ୍‌କୁ ଟ୍ରାଏ କରି ପରଫେକ୍ଟ ଲୁକ୍ ପାଇପାରିବେ।





**ଡିଫରେଣ୍ଟ ଲୁକ୍ସ :** ଗଜରା ମୁଖ୍ୟତଃ ଲମ୍ବା କେଶରେ ଭଲ ମାନିଥାଏ। ଖାସ୍ କରି ବାହାଘରରେ ନବବଧୂଙ୍କୁ ଏହା ସୁନ୍ଦର ରୟାଲ୍ ଲୁକ୍ ଦେଇଥାଏ। କେହି କେହି ଲମ୍ବା ବେଣୀ କରି ତା'ର ମୂଳରେ ଗଜରା ଲଗାଇଥାନ୍ତି ତ ଆଉ କେହି କେହି ବେଣୀର ମୂଳରେ ଗଜରା ଲଗାଇବା ସହିତ ବେଣୀ ଚାରିପଟେ ବି ଗଜରାର କିଛି ଅଂଶକୁ ଗୁଡ଼ାଇ ଭିନ୍ନ ଏକ ଷ୍ଟାଇଲ୍ କରିଥାନ୍ତି। ଅନ୍ୟପକ୍ଷେ ଫ୍ଲାୱାର୍ ବନ୍‌କୁ ଯଦି ସଠିକ୍ ତଥା ବ୍ୟବସ୍ଥିତ ଭାବେ କେଶରେ ଲଗାଯାଏ, ତା'ହେଲେ ଏହା ଝିଅମାନଙ୍କୁ ୟଙ୍ଗ୍, ଫ୍ରେଶ୍ ଲୁକ୍ ଦେବା ସହ କେଶକୁ ବି ଆଟ୍ରାକ୍ଟିଭ୍ ଲୁକ୍ ପ୍ରଦାନ କରିଥାଏ।

**କ୍ଲାସିକ୍ ଲୁକ୍:** ଗଜରା କ୍ଲାସିକ୍ ତଥା ପାରମ୍ପରିକ ଲୁକ୍ ଦେବା ପାଇଁ ବେଷ୍ଟ ହୋଇଥାଏ। ଏହାର ସୁନ୍ଦରତା ଯୋଗୁ ଏହା ସବୁ ବୟସର ନାରୀମାନଙ୍କୁ ଖୁବ୍ ମାନିଥାଏ। ହେଲେ ଫ୍ଲାୱାର୍ ବନ୍ ଝିଅମାନଙ୍କୁ ଟିକେ ମଡର୍ଣ୍ଣ ଲୁକ୍ ଦେଇଥାଏ। ଆଜିକାଲି ତ ଖୁବ୍ ସୁନ୍ଦର ସୁନ୍ଦର ଆର୍ଟିଫିସିଆଲ୍ ଫ୍ଲାୱାର ବନ୍ ବି ମିଳିଲାଣି, ଯାହାକୁ ଶାଢ଼ି, ଲେହେଙ୍ଗା ସାଲୱାର୍ ହେଉକି ଲଙ୍ଗ୍ ଡ୍ରେସ୍ ଅଥବା ପଟିଆଲା ସୁଟ୍ ସାଙ୍ଗେ ବି ଆରାମରେ ଟ୍ରାଏ କରିହେବ।











# ବୈଷ୍ଣବଙ୍କ ପିତ୍ତଳ କାରିଗରୀ






**ସେ** କୌଣସି ଆର୍ଟ କଲେଜରେ ପାଠ ପଢ଼ିନାହାନ୍ତି କି କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ତାଲିମ ନେଇନାହାନ୍ତି । ଘରେ ତାଙ୍କ ଜେଜେ, ବାପା ଯେଉଁସବୁ କଂସାପିତ୍ତଳରେ ହସ୍ତଶିଳ୍ପ କାମ କରୁଥିଲେ ସେସବୁକୁ ସେ ଦେଖି ଦେଖି ତାଙ୍କ ମନରେ ହସ୍ତଶିଳ୍ପକଳା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ଘରର ଆର୍ଥିକ ପରସ୍ଥିତି ସ୍ୱଚ୍ଛଳ ନ ଥିବାରୁ ପାଠପଢ଼ା ଅଧାରୁ ବନ୍ଦକରି ବୁଲିବୁଲି କଂସାପିତ୍ତଳ ଫେରି ବେପାର କଲେ । ହେଲେ ସ୍ୱପ୍ନ ତାଙ୍କର ଥିଲା କଂସାପିତ୍ତଳ କାରିଗରିରେ ; ଯାହା ପରବର୍ତ୍ତୀ ସମୟରେ ସଫଳ ବି ହୋଇଥିଲା । ଓଡ଼ିଶାର ଏକାଧିକ ମନ୍ଦିରରେ ପିତ୍ତଳ କବାଟ ନିର୍ମାଣ କରି ନିଜର ଏକ ପରିଚୟ ସୃଷ୍ଟି କଲେ । ସେ ହେଲେ ଶିଳ୍ପୀ **ବୈଷ୍ଣବ ମହାରଣା** । ପିତା ସହଦେବ ମହାରଣା ଓ ମାତା ନେତ୍ରମଣି ମହାରଣା । ଜନ୍ମ ୧।୯।୧୯୬୦ମସିହାରେ । ଘର ଖୋର୍ଦ୍ଧା ଜିଲାର ବାଲକାଟୀ ଅନ୍ତର୍ଗତ ପ୍ରତାପଶାସନର ରଥିଜେମା ଗାଁରେ । ସେ କୁହନ୍ତି, 'ଆମେ ଏକ ଯୌଥ ପରିବାରରେ ଚଳୁଥିଲୁ । ଘରର ବଡ଼ମାନେ ଯେତେବେଳେ କାମ କରୁଥିଲେ ତାଙ୍କରିଠାରୁ ଶିଖି ଶିଖି ଆମେ ବି କରୁଥିଲୁ । ସେତେବେଳେ ଗାଁ ସ୍କୁଲରେ ୭ମରେ ପଢୁଥାଏ । ଥରେ ପ୍ରଧାନ ଶିକ୍ଷକ କହିଲେ, 'ଘାସ କାଟ କି ଘୋଡ଼ା ଚଢ଼ କିନ୍ତୁ ପ୍ରଥମ ହୁଅ ।' ଏହି କଥାଟା ମୋ ମନକୁ ବହୁତ ଛୁଇଁଥିଲା । ସେଇଠୁ ମୋତେ ପତ୍ତଳ କାମର ନିଶା ଘାରିଲା । ଆମ ଅଞ୍ଚଳରେ ମୋ ଜେଜେ ବୀର ମହାରଣାଙ୍କ ହାତତିଆରି ପିତ୍ତଳ ଗରାର ଖୁବ୍ ଚାହିଦା ଥିଲା । ଏଥିପାଇଁ ଆମ ଘରର ସୁନାମ ଥିଲା । ସମୟକ୍ରମେ ଏହି ଗରାର ଚାହିଦା ଯେତେବେଳେ ଟିକେ କମି ଆସିଲା ତାକୁ ଆଉ ଏକ ନୂଆରୂପ ଦେବାକୁ ଚେଷ୍ଟା କଲି ; ଯେଉଁଥିରେ ମୁଁ ସଫଳ ହେଲି । ପାଣିଗରା ଉପରେ ଖୋଦେଇ କରି କାରୁକାର୍ଯ୍ୟ କଲି । ଆମ ହାତ ତିଆରି ଗରାର ଚାହିଦା ବଢିଲା । ଏହିକାମ ଯୋଗୁ ମୁଁ ପୂର୍ବତନ ଶିଳ୍ପମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କଠାରୁ ପୁରସ୍କୃତ ହେଲି । ତା'ପରେ ମୋର ଏହି କାମର ଅଧିକ ଚାହିଦା ଯୋଗୁ ସେତେବେଳର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଆଗ୍ରହ ଯୋଗୁ ମୋ ହାତ ତିଆରି କଂସାପିତ୍ତଳ ସାମଗ୍ରୀକୁ ଆମେରିକା ଓ ଇଂଲଣ୍ଡକୁ ପଠାଯାଇଥିଲା । ୧୯୮୯ମସିହାରେ ପୁରୀ ଜିଲା (ଜିଏମ୍‌ସିଏସ୍)ର ଏମ୍‌ଡି ସହଦେବ ପାତ୍ର ଆଇଆଇଟିଏଫ୍‌କୁ ଏହି ସାମଗ୍ରୀ ନେବାକୁ ମୋତେ ପରାମର୍ଶ ଦେଇଥିଲେ । ମୁଁ ନେଇଥିବା ବିଭିନ୍ନ ପ୍ରକାରର ଡେକୋରେଟିଭ୍ ଗରାଗୁଡ଼ିକ ଗୋଟିଏ ଦିନରେ ବିକ୍ରି ହୋଇଯାଇଥିଲା । ମୋର ମଧ୍ୟ ସେଠାକାର ମାର୍କେଟ ବିଷୟରେ କିଛି ଜ୍ଞାନ ଆହରଣ ହେଲା । ମୁଁ କିପରି କିଛି ନୂଆ ନୂଆ କାମ କରିପାରିବି ଉଦ୍ୟମ କଲି । ସେଇଠୁ କନକଦୁର୍ଗା, ସରସ୍ୱତୀ, ଶ୍ରୀରାମ ଦରବାର ଆଦି ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ତିଆରି କଲି । ୨୦ରୁ ଊର୍ଦ୍ଧ୍ୱ ପିତ୍ତଳ ମୂର୍ତ୍ତି ଜାପାନ, ଇଣ୍ଡୋନେସିଆ ଆଦି ଦେଶକୁ ବିକ୍ରି ପାଇଁ ପଠାଯାଇଥିଲା । ବହୁ ସଂଖ୍ୟକ ଛୋଟବଡ଼ ପିତ୍ତଳରେ ଦେବଦେବୀଙ୍କ ମୂର୍ତ୍ତି ତିଆରି କରିସାରିଲିଣି । ମୋର ଏକ ଘଟଣା ମନେପଡ଼େ, ଥରେ ଢେଙ୍କାନାଳ ଜିଲାର ଏକ ଅଞ୍ଚଳରେ ରାମଚଣ୍ଡୀଙ୍କ ମନ୍ଦିର ପାଇଁ ଆବଶ୍ୟକ ପଡୁଥିବା ପିତ୍ତଳ କବାଟ ତିଆରି କରିବାକୁ ମୋତେ ପ୍ରଥମେ ବରାଦ ମିଳିଥିଲା । ସେଠାରେ ୨ହଳ କାରୁକାର୍ଯ୍ୟପୂର୍ଣ୍ଣ ପିତ୍ତଳ କବାଟ ତିଆରି କରିଥିଲି । ସେଥିପାଇଁ ମୋତେ ପ୍ରାୟ ପାରିଶ୍ରମିକ ବାବଦକୁ ୩ଲକ୍ଷ ଟଙ୍କା ମିଳିଥିଲା । ତା' ପରେ ଆରଡ଼ି ବାବା ଆଖଣ୍ଡଳମଣିଙ୍କ ପୀଠରେ ପ୍ରାୟ ୧୦ହଳ ପିତ୍ତଳ କବାଟ ତିଆରି କରିଥିଲି । ମୁଖ୍ୟ କବାଟର ଓଜନ ପ୍ରାୟ ୧୦କୁଇଣ୍ଟାଲ ଥିଲା । ସେହିପରି ପାର୍ଶ୍ୱ କବାଟର ଓଜନ ୪ରୁ ୫କୁଇଣ୍ଟାଲ ରହିଥିଲା । ସେଥିରେ ସୂକ୍ଷ୍ମ କାରୁକାର୍ଯ୍ୟ ହୋଇଛି । ଏଥିପାଇଁ ପ୍ରାୟ ୧୦ଜଣ କାରିଗରଙ୍କୁ ତିନି ମାସ ପରିଶ୍ରମ କରିବାକୁ ପଡ଼ିଥିଲା । ପ୍ରାୟ ୨କୋଟି ୧୦ଲକ୍ଷ ଟଙ୍କା ମିଳିଥିଲା । ଏମିତିରେ ତାରାତାରିଣୀ ପୀଠରେ ଜାଲି ଗେଟ୍ ଓ ବାରିକେଡ୍ ଆଦି ପିତ୍ତଳ କାମ କରିଥିଲୁ । ଆଉ ଏକ କଥା ମନେପଡୁଛି, ଥରେ ବାଲେଶ୍ୱରର ଏକ ଜଗନ୍ନାଥ ମନ୍ଦିରରେ ଏକ ଦଧିନଉତି ; ଯାହାର ଓଜନ ଥିଲା ପ୍ରାୟ ଦେଢ କୁଇଣ୍ଟାଲ ଏବଂ ତା'ର ନାଡ଼ଟି ଥିଲା ପ୍ରାୟ ୧୦ଫୁଟ୍ । ଏହାର ଢଲେଇ କଲାବେଳେ ସେଇ ପିତ୍ତଳ ନାଡ଼ଟି ହଠାତ୍ ଢଳି ପଡ଼ିଥିଲା । ଭୟଭୀତ ହୋଇ ପଡ଼ିଲି । କାରଣ ତାହା ଯଦି ତଳକୁ ଖସି ପଡ଼ିଥାନ୍ତା ତେବେ ଏଠାରେ ଉପସ୍ଥିତ ହୋଇଥିବା ଏକାଧିକ ଲୋକଙ୍କ ଧନଜୀବନ କ୍ଷତି ଘଟିଥାନ୍ତି । ଯୋଗକୁ ମହାପ୍ରଭୁଙ୍କ କୃପାରୁ ମୁଁ ଯେତେବେଳେ ସେଇ ୧୦ଫୁଟର ପିତ୍ତଳ ନାଡ଼କୁ ଧରି ସିଧା କରୁଥିଲି ତାହା ଅତି ସହଜରେ ସିଧା ହୋଇ ଯାଇଥିଲା । ଆଉ କୌଣସି ଅଘଟଣ ଘଟି ନ ଥିଲା । ଏକଥା ସବୁଦିନ ମୋର ମନେ ରହିଥିବ । ସେହିପରି ଶହୀଦ ନଗର ବିଷ୍ଣୁମନ୍ଦିରର ଦଧିନଉତି ଓ ନୀଳଚକ୍ର କାମ ସଫଳତାର ସହ କରିଥିବାରୁ ମନ୍ଦିର କମିଟି ଖୁସିରେ ମୋତେ ଏକ ମୋଟର ସାଇକେଲ ଉପହାର ଦେଇଥିଲେ । ଏମିତିରେ ୫୦ଟଙ୍କାରୁ ଆରମ୍ଭକରି ୨କୋଟି ଟଙ୍କାର କାମ ମଧ୍ୟ ପାଇଛୁ । ଆମର ଶାଳଘରେ ମୋଠାରୁ ଏକାଧିକ କାରିଗର ଟ୍ରେନିଂ ନେଇ ସାରିଲେଣି । ଏବେ ମୋ ସହିତ ୧୦ଜଣ କାରିଗର ଏହି କାମରେ ନିୟୋଜିତ ରହି ସେମାନଙ୍କ ପରିବାର ଚଳାଉଛନ୍ତି । ମୋର ବଡ଼ପୁଅ ମୋ ସହିତ କାମ କରୁଛି ।' ତାଙ୍କର ଏହି ପିତ୍ତଳ କାରିଗରି ପାଇଁ ତାଙ୍କୁ ଉତ୍ତରପ୍ରଦେଶରେ ଏମ୍‌ଏମ୍‌ଏମ୍‌ଇ ତରଫରୁ ସମ୍ମାନ, ରଘୁରାଜପୁର କୁଶଳୀ କାରିଗର ସମ୍ମାନ, ପ୍ରବାସୀ ଭାରତୀୟ ଦିବସରେ ସମ୍ମାନିତ କରାଯିବା ସହ ଉତ୍କଳିକା ଆଦି ଏକାଧିକ ସଂସ୍ଥାରୁ ସମ୍ମାନିତ ହୋଇଛନ୍ତି ।

**–ବନବିହାରୀ ବେହେରା**









## ପ୍ରୀତି

**– ଡ.ଭରତ ଚନ୍ଦ୍ର ଦାଶ**

ଓଠେ ଶୋଭା ପାଏ ମୃଦୁ ଚୁମ୍ବନର
ରକ୍ତିମ ରଙ୍ଗର ଆଭା
ଲକ୍ଷେ ଗୋଲାପର ପାଖୁଡ଼ାକୁ ନିନ୍ଦେ
ପ୍ରୀତିର ଚୁମ୍ବନ ଶୋଭା ।

–ବାଲେଶ୍ୱର ମୋ: ୮୯୮୪୪୩୯୧୬୬

## କିଛି କଥା

**– ସୁବ୍ରତ କୁମାର ସେନାପତି**

କିଛି କଥା କେବେ କେବେ
ଲତା ପାଲଟି ଯାଆନ୍ତି
ତମାଳ କି ମଧୁମାଳତୀ ପରି ନୁହଁ
ବରଂ ନିର୍ମୂଳି ହୋଇ
ଜୀବନ ସାରା ତୁମ ଦେହରୁ
ଶୋଷୁଥାନ୍ତି ରସ ॥
ଦେଖେଇ ପାରୁ ନ ଥିବା
କ୍ଷୋଭ, ଅପମାନ ଭିତରେ
ସେ କଥା ସବୁ ପୁଣି କେବେ
ଜୈବିକ ଖାଦ୍ୟ ପରି ହଜମ କରି ନିଅନ୍ତି
ଯେତେ ସାରା ଦମ୍ଭ
ଲୁଚେଇ ଦେଇ ଅସରନ୍ତି ଦାଗ ॥
ଥକ୍କା ମାରିବାକୁ ସମୟ ନ ଥାଏ
ସେ କଥା ସବୁର ଯୁଦ୍ଧାଭିଯାନରେ
ଅତର୍ଛା ହୋଇ ଦୌଡୁଥାଏ ବିଚରା ମଣିଷ
ଅଦୃଶ୍ୟରେ ଛିଡି ଯାଉଥାଏ
ଖଣ୍ଡେ ଖଣ୍ଡେ ତା' ଜିଅନ୍ତା ଅଂଶ ॥
ଏମିତି ହଠାତ୍
ଏ କଥା ସବୁ ଲତାରୁ ଦଉଡ଼ି ହୋଇ
ଶୁଖାଇ ଦିଏ ତା' କଣ୍ଠ
ଆଉଜି ହୋଇ ଆସେ
ଜୀବନର ଜଳାକବାଟ ।

–ରେମୁଣା, ବାଲେଶ୍ୱର
ମୋ : ୯୭୭୮୯୭୨୩୯୩

# ଉଲ୍ଲାସ


**–ସର୍ବାଣୀ ପଟ୍ଟନାୟକ**

ପିଲାଙ୍କୁ ସ୍କୁଲ ବିଦାକଲା ପରେ, ସ୍ନେହା ତରବର ହେଉଥାଏ ସ୍କୁଲ ଯିବା ପାଇଁ । ପ୍ରିନ୍ସିପାଲ ଠିକ୍ ନଅଟା ସମୟ ଦେଇଛନ୍ତି, ପ୍ୟାରେଣ୍ଟସ–ଟିଚର ମିଟିଂ ପାଇଁ । ବିଳମ୍ବ ହେଲେ ବୁଢ଼ୀ ଯେଉଁ ଚିଡାଟେ ଚିଡି ଇଂଲିଶରେ ଜ୍ଞାନ ଝାଡ଼େ ତାହା କେଉଁ ଅଭିଭାବକଙ୍କୁ ପସନ୍ଦ ନୁହେଁ । ନଅଟା ସୁଦ୍ଧା ପହଞ୍ଚି ଗଲେ ହେଲା । ଯେତେ ତରତରରେ କାମ ସାରିଲେ ମଧ୍ୟ ଆଠଟା ପଇଁଚାଳିଶ ବାଜିଗଲା ଘରୁ ବାହାରୁ ବାହାରୁ ।

କୋଉଠି ଥିଲା କେଜାଣି ମାଡି ଆସିଲା ଅସରାଏ ବର୍ଷା ଓ ଛେଚିବାକୁ ଲାଗିଲା । ବର୍ଷା ଛାଡିବ ବୋଲି ଲାଗୁ ନ ଥିଲା । କେଇ ମିନିଟ ବାହାରେ ଅପେକ୍ଷା ପରେ, ହାତ ଘଡିରେ ସ୍ନେହା ଦେଖିଲା ଆଠଟା ପଞ୍ଚାବନ ହେଲାଣି । ଯିବା ଜରୁରୀ । ବାଧହୋଇ ଛତାଟିଏ ଧରି ଘରୁ ବାହାରିଗଲା । ଚାଲି ଚାଲି ସ୍କୁଲରେ ପହଞ୍ଚିବାକୁ ଅତି କମରେ ପନ୍ଦର ମିନିଟ ଲାଗିଯାଏ । ଯଦି ପ୍ରଭୁ ଦୟା କରନ୍ତେ ଗୋଟେ ଅଟୋ ବା ରିକ୍ସା ମିଳିଯାଆନ୍ତା ମିଟିଂ ପାଇଁ ଯାହା ହେଲେ ବି ଡେରି ହେବ ଆଜି ତା'ର । ବିରକ୍ତ ଯେତିକି ନ ହେବେ ପ୍ରିନ୍ସିପାଲ ତା'ଠାରୁ ଅଧିକ ଖରାପ ଲାଗେ ମିଟିଂ ଚାଲିଥିଲାବେଳେ ଡେରିରେ ପହଞ୍ଚି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା । ଲାଗୁଥିବ ଚପଲ ଯେମିତି ମୋଡି ହୋଇଯାଉଛି, ଗୋଡ଼ ବଙ୍କେଇ ହୋଇ ପଡୁଛି, ପାଟି ପାକୁ ପାକୁ ହୋଇଯାଉଛି । ଭାରି ନର୍ଭସ ଲାଗେ ପରଫେକ୍ସନ ଦେଖେଇ ନ ପାରିଲେ । ଏମିତି ଭାବୁଛି ତ ଭାଗ୍ୟକୁ ରିକ୍ସାବାଲାଟିଏ ସମ୍ମୁଖ ଦିଗରୁ ତା ଆଡ଼କୁ ଆସୁଥିଲା । ହାତ ହଲେଇ ସେ ରିକ୍ସାବାଲାକୁ ଅଟେକେଇଲା । ତାକୁ ପଚାରିଲା ''ଯିବୁ କିରେ ଏଇ ଆଗ ସାତ ନମ୍ବର ଟାଙ୍କି ?''ସେ ମୁଣ୍ଡ ହଲେଇ ସମ୍ମତି ଜଣେଇଲା ଓ ସ୍ନେହା ସଙ୍ଗେ ସଙ୍ଗେ ବସିପଡ଼ିଲା ରିକ୍ସାରେ । ସେ ବ୍ୟସ୍ତ ହୋଇ ରିକ୍ସାବାଲାକୁ କହିଲା ''ଚାଲ ଭାଇ ଟିକେ ଜଲ୍‌ଦି କର, ଅନେକ ଡେରି ହୋଇଗଲାଣି ମୋର'' । ବର୍ଷା ଯୋଗୁ ଜୋରରେ ଯିବା ବି ସମ୍ଭବ ହେଉ ନ ଥାଏ ତଥାପି ସେ ପେଡାଲ ଜୋର ଜୋର ମାରିବାକୁ ଚେଷ୍ଟା କରୁଥାଏ । ଅଧା ରାସ୍ତାରେ ରିକ୍ସା ବାଲା କହିଲା, ମା' କିନ୍ତୁ ମୋ ପାଖେ ରେଜା ନାହିଁ, ଏଇନା ବାହାରିଲି ଘରୁ, ବଇନି ହେଇନି, ଆପଣ ପହିଲି ସବାରୀ'' । ସ୍ନେହା ଚିଡିଯାଇ କହିଲା, ଭାଇ ରିକ୍ସା ଚଲେଇବ ଆଉ ଘରୁ ରେଜା ଧରି ବାହାରିବନି । ତୁ ବୋଧେ ଭାବିଲୁ, ଆମ ଘରେ ରେଜା ଖଣି ଅଛି ? ମୋ ପାଖେ ପଚାଶ ଟଙ୍କା ଅଛି, ତମ ପାଖେ କ'ଣ କୋଡିଏ ଟଙ୍କା ନାହିଁ ଫେରେଇବାକୁ ? ରିକ୍ସାବାଲା କହିଲା, ନାଇଁ ମା' ଚାଳିଶ ଟଙ୍କା ସାତ ନମ୍ବର ଟାଙ୍କି ଯାଏ । ଆଉ ଏ ବର୍ଷାରେ ତ ଲୋକ ପଚାଶ ଟଙ୍କା ମାଗିଲେ ବି ଦିଅନ୍ତି । ସ୍ନେହା ଚିହିଁକି ଗଲା ଓ କହିଲା, କ'ଣ ଏଇ କଥା ବସିଲାବେଳେ କହିଲନି କାହିଁକି, ମୁଁ ଚଢି ନ ଥାନ୍ତି ତୁମ ରିକ୍ସାରେ । ତିରିଶ ଟଙ୍କାର ବାଟକୁ ଚାଳିଶ କହିବ, ତା' ପରେ କ'ଣ ନା ରେଜା ନାହିଁ, ମୁଁ ଘରକୁ ଫେରିବି କେମିତି ? ରିକ୍ସାବାଲା ପାଟି ଖୋଲିଲାନି ।

ସ୍କୁଲ ଗେଟ ସାମ୍ନାରେ ରିକ୍ସାବାଲାକୁ ପଚାଶ ଟଙ୍କିଆ ନୋଟଟି ବଢାଇଲା ସ୍ନେହା । ରିକ୍ସାବାଲା ମୁହଁ ଶୁଖେଇ ଅନେଇଥାଏ ଓ ନିଜ ମୁଣି ଖୋଲି ରେଜା ନ ଥିବାର ପ୍ରମାଣ ଦେଉଥାଏ । ସ୍ନେହା କିନ୍ତୁ ଦେଖିନେଲା ଦୁଇଟି ଦଶ ଟଙ୍କିଆ କଏନ ଅଛି ତା' ଭିତରେ । ସେ ସଙ୍ଗେ ସଙ୍ଗେ କହିଲା, ହେଇପା ଅଛି ଆଉ ମିଛ କହୁଛ ନାହିଁ ବୋଲି ? ସେ ଆଉ କିଛି ନ କହି ଦୁଇଟି ଯାକ ଦଶ ଟଙ୍କିଆ କଏନ ବଢ଼େଇଦେଲା ସ୍ନେହା ଆଡ଼କୁ ଓ ପୁଣି କହିଲା ମା' ପଇଁତିରିଶ ଟଙ୍କା ହେଲେ ଦିଅ । ବର୍ଷାଦିନ ଚା' କପେ ପିଇବି । ସ୍ନେହା ଆଉ କିଛି ନ କହି ସ୍କୁଲ ଗେଟ୍ ଭିତରକୁ ମାଡ଼ିଗଲା ରିକ୍ସାବାଲାଟିର କଥାକୁ ଅଣଶୁଣା କରିଦେଇ । ମୁହଁରେ ଥିଲା ତା'ର ଗଡ଼ ଜିଣିବାର ଖୁସି ।

–କୋଲକତା, ମୋ:୮୯୬୧୫୯୩୧୫୦



# ଅଲରାଉଣ୍ଡର ଟାଇଗର



ଟାଇଗର

ବଲିଉଡ୍‌ର ୟଙ୍ଗ ସେନସେଶନ ଟାଇଗର ଶ୍ରଫ । ତାଙ୍କର ବଡ ପରଦା ଯାତ୍ରା ଆରମ୍ଭ ହୋଇଥିଲା 'ହିରୋପନ୍ତୀ'ରୁ । ୨୦୧୪ରେ ରିଲିଜ ହୋଇଥିବା ଏହି ସିନେମା ବକ୍ସି ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା । କେବଳ ସେତିକି ନୁହେଁ,ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତ ଭାବରେ ଆଇଫା ଆୱାର୍ଡ ମିଳିଥିଲା । ଏଭଳି ସଫଳତାକୁ ନେଇ ଟାଇଗର କହନ୍ତି, ''ମୋ ଅଭିନୀତ ପ୍ରଥମ ସିନେମାଟି ଥିଲା ରିମେକ୍ । ହେଲେ ଏହାର କାହାଣୀ ଏତେ ଷ୍ଟ୍ରଙ୍ଗ ଥିଲା ଯେ ତାହା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା । ଜଣେ ନବାଗତ ଭାବରେ ଏଥିରେ ମୋ ଅଭିନୟକୁ ଦର୍ଶକ ଗ୍ରହଣ କରିଥିଲେ । ଏସବୁର ସମସ୍ତ ଶ୍ରେୟ ମୁଁ ଏହାର ନିର୍ଦ୍ଦେଶକ ସବିର ଖାଁଙ୍କୁ ଦେବି । ତା'ପରେ ମୋ ମନରେ ଯେଉଁ ଅଭିନେତା ହେବାର ସ୍ୱପ୍ନ ଥିଲା ତାହା ଦୃଢ଼ିଭୂତ ହୋଇଥିଲା ।'' ଟାଇଗରଙ୍କର ମାର୍ଶଲ ଆର୍ଟରେ ବି ଦକ୍ଷତା ରହିଛି । ଟାଇକୋଣ୍ଡୋରେ ସେ ଜଣେ ବ୍ଲାକ ବେଲ୍ଟ ହୋଲଡର । ସବୁବେଳେ ସେ ନିଜର ଫିଟ୍‌ନେସ୍ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତି । କେବଳ ଫାଇଟ୍ ନୁହେଁ, ସେ ଜଣେ ଭଲ ଡ୍ୟାନ୍ସର ବି । ତା'ସହ ଜଣେ ଗାୟକ । ତାଙ୍କର ଏକ ଲୋକପ୍ରିୟ ଆଲବମ୍ ଥିଲା 'ଅନବିଲିଭେବୁଲ' (୨୦୨୦) । ଅଭିନୟ ବ୍ୟତୀତ ସେ ନିଜକୁ ସମାଜସେବାରେ ମଧ୍ୟ ନିୟୋଜିତ ରଖିଥାଆନ୍ତି ।

# କଦାପି ଭୁଲନ୍ତି ନାହିଁ କ୍ୟାଟ୍ରିନା

ଯେତେ ବ୍ୟସ୍ତ ରହିଲେ ମଧ୍ୟ କ୍ୟାଟ୍ରିନା କଦାପି ଗୋଟିଏ ଜିନିଷକୁ ଭୁଲି ନ ଥାନ୍ତି । ତାହା କ'ଣ ଜାଣନ୍ତି ? ଯୋଗ କରିବା । ପ୍ରତିଦିନ ବହୁତ କାମ ଥିଲେ ମଧ୍ୟ ସେ ଯେମିତି ହେଲେ ଯୋଗ କରିଥାଆନ୍ତି । ନିଜର ଫିଟନେସ ପ୍ରତି ସେ ସ୍ୱତନ୍ତ୍ର ଦୃଷ୍ଟି ଦେଇଥାଆନ୍ତି । ଏ ନେଇ ଖାଦ୍ୟପେୟ ବ୍ୟତୀତ ଏକ୍ସରସାଇଜ କରିଥାଆନ୍ତି । ହେଲେ ସେ କେବେ ଯୋଗ କରିବାକୁ ଭୁଲି ନ ଥାନ୍ତି । ଏ ବିଷୟରେ କ୍ୟାଟ୍ରିନା କହନ୍ତି, ''ବର୍ତ୍ତମାନ ନିଜେ ଫିଟ୍ ରହିବା ସବୁଠାରୁ ବଡ କଥା । ଆଉ ଏହାକୁ ମୁଁ ସବୁବେଳେ ସ୍ପେଶାଲ ଗୁରୁତ୍ୱ ଦେଇଥାଏ । ମୁଁ ଆଜି ଯେତିକି ଫିଟ୍ ଅଛି ତା' ପଛରେ ଯୋଗର ଭୂମିକା ରହିଛି । ପ୍ରତିଦିନ ଯାହାହେଲେ ମଧ୍ୟ ମୁଁ କିଛି ସମୟ ଯୋଗ କରେ । ମୁଁ ଫିଟ୍ ରହିବାର ଏହା ହେଉଛି ଏକ ସିକ୍ରେଟ ମନ୍ତ୍ର ।'' ହଂକଂରେ ଜନ୍ମିତା କ୍ୟାଟ୍ରିନା ନିଜ ନାମର ଟାଇଟଲ କୈଫ ରଖିଛନ୍ତି । ତାଙ୍କ ମତରେ ଏହାଦ୍ୱାରା ମୁଁ ଭାରତବାସୀଙ୍କ ସହ ନିଜକୁ ଠିକ୍ ଭାବରେ ଯୋଡି ରଖିପାରିବି । ଚାଇନା, ଜାପାନ, ଫ୍ରାନ୍ସ, ସୁଇଜରଲ୍ୟାଣ୍ଡ ଏବଂ ଇଂଲଣ୍ଡରେ ତାଙ୍କର ପିଲାଦିନ କଟିଛି । ଯେତେବେଳେ ସେ ପ୍ରଥମେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ହିନ୍ଦୀ କହିବା ତାଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ଥିଲା । କିନ୍ତୁ କିଛି ବର୍ଷ ଭିତରେ ସେ ଭଲ ଭାବରେ ହିନ୍ଦୀ କହିବା ଆରମ୍ଭ କରିଥିଲେ । ଏବେ ସେ ନିଜ ଅଭିନୀତ ଫିଲ୍ମଗୁଡିକର ନିଜେ ଡବିଂ କରୁଛନ୍ତି ।


କ୍ୟାଟ୍ରିନା

# ବହୁ ଭାଷୀ ଅନନ୍ୟା...

'ଷ୍ଟୁଡେଣ୍ଟ ଅଫ୍ ଦ ଇୟର୍ ୨' ରୁ ନିଜର ଅଭିନୟ କ୍ୟାରିୟର୍ ଆରମ୍ଭ କରିଥିବା ଅଭିନେତା ଚଙ୍କି ପାଣ୍ଡେ ଓ କଷ୍ଟ୍ୟୁମ୍ ଡିଜାଇନର୍ ଭାବନା ପାଣ୍ଡେଙ୍କ ଝିଅ ଅନନ୍ୟା ପାଣ୍ଡେ ଅଭିନେତ୍ରୀ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ତେବେ ଅନନ୍ୟାଙ୍କର ଅଭିନୟ ଛଡ଼ା ଆହୁରି ବହୁତ କିଛି ରୁଚି ରହିଛି ; ଯେଉଁଥିପାଇଁ ତାଙ୍କୁ ଜଣେ ମଲ୍ଟି ଟ୍ୟାଲେଣ୍ଟେଡ୍ ଆକ୍ଟ୍ରେସ୍ ବୋଲି କୁହାଯାଏ । ଧୀରୁ ଭାଇ ଅମ୍ବାନୀ ଇଣ୍ଟର ନ୍ୟାସନାଲ୍ ସ୍କୁଲ୍‌ରୁ ଶିକ୍ଷା ଗ୍ରହଣ କରିଥିବା ଅନନ୍ୟା ପରବର୍ତ୍ତୀ ସମୟରେ ମଡେଲିଂ ଓ ଫ୍ୟାଶନ ଦୁନିଆରେ ପାଦ ଦିଅନ୍ତି । ଅଭିନୟ ପୂର୍ବରୁ ସେ ୟୁରୋପ ଓ ଆମେରିକାର ବିଭିନ୍ନ ମଡେଲିଂ ଓ ଫ୍ୟାଶନ ଇଭେଣ୍ଟରେ ଯୋଗ ଦେଇଛନ୍ତି । ଏହାଛଡ଼ା ସେ ଜଣେ ପ୍ରଶିକ୍ଷଣ ପ୍ରାପ୍ତ ବାଲେଟ୍ ଓ ସାଲ୍‌ସା ଡ୍ୟାନ୍ସର । ସବୁ ପ୍ରକାର ନୃତ୍ୟରେ ଅନନ୍ୟା ବେଶ୍ କମ୍ଫଟେବଲ୍ । ଅଭିନୟ, ନୃତ୍ୟ ଛଡ଼ା ଅନନ୍ୟାଙ୍କର ଆଉ ଏକ ଭଲ ଗୁଣ ହେଲା, ସେ ବିଭିନ୍ନ ଭାଷା ଶିଖିଛନ୍ତି । ଅନନ୍ୟା ହିନ୍ଦୀ, ଇଂରାଜୀ, ମରାଠୀ, ଭୋଜପୁରୀ, ଆଉ ଫ୍ରେଞ୍ଚରେ ବେଶ୍ ପାରଙ୍ଗମ ।

# ଡେଲିଭରି ବୟ ୨

'ଡେଲିଭରି ବୟ ୧'ର ସଫଳତା ପରେ ଏବେ ଏହାର ସିକୁଏଲ ନିର୍ମାଣ ହେବାକୁ ଯାଉଛି । ଏହାର ଶୀର୍ଷକ ରହିଛି 'ଡେଲିଭରି ବୟ ୨' । ସବୁଠାରୁ ଖାସ୍ କଥା ହେଲା ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଅର୍ଚ୍ଚିତା ଏଥିରେ ଜଣେ ଡେଲିଭରି ଗର୍ଲ ଭୂମିକାରେ ଅଭିନୟ କରୁଛନ୍ତି । ଟାଇଟଲ ରୋଲ୍‌ରେ ଅଛନ୍ତି ଶୈଳେନ୍ଦ୍ର ସାମନ୍ତରାୟ । ବିଶେଷଭାବରେ ଏହି ଫିଲ୍ମଟି ଅର୍ଚ୍ଚିତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ ଦେବ ବୋଲି ଆଲୋଚନା ହେଉଛି । ଜଣେ ଝିଅ ନିଜର ସ୍ୱପ୍ନ ପୂରଣ କରିବାକୁ ବାହାରକୁ ପାଦ କାଢୁଛି । ଗୋଟିଏ ପଟେ ନିଜର ସ୍ୱପ୍ନ ଏବଂ ଅନ୍ୟପଟେ ପରିବାର-ଏହି ଦୁଇଟିକୁ କିପରି ସମାନ୍ତରାଳ ଗତିରେ ସେ ଆଗେଇ ନେଉଛନ୍ତି ତାହା ଏହି ସିନେମାଟିରେ ଦେଖିବାକୁ ମିଳିବ । କେବଳ ସେତିକି ନୁହେଁ, ଜଣେ ଡେଲିଭର ବୟ ହେଉ କି ଗର୍ଲ- ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ସେଗୁଡିକୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ । ତା'ସହ ସମାଜର ମହିଳାମାନଙ୍କ ପାଇଁ ଏଥିରେ ରହିଛି ସ୍ୱତନ୍ତ୍ର ବାର୍ତ୍ତା । ଅନ୍ୟପକ୍ଷରେ ଏହି ଫିଲ୍ମରେ ବୁଦ୍ଧାଦିତ୍ୟ ମହାନ୍ତି, ଶ୍ରୀତମ ଦାସ, ପୁପିନ୍ଦର ପ୍ରମୁଖ ଅଭିନୟ କରିଛନ୍ତି । ଏଥିରେ ଭୂମିକା ଦାଶଙ୍କୁ ସ୍ୱତନ୍ତ୍ର ଭୂମିକାରେ ଦେଖିବାକୁ ମିଳିବ । ଜ୍ୟୋତି ରଞ୍ଜନ ମହାନ୍ତି ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନୀ ତ୍ରିପାଠୀ ।



ଅର୍ଚ୍ଚିତା


ଅନନ୍ୟା

# ଯାହା ଭାବୁଥିଲେ ତମନ୍ନା..

ଦକ୍ଷିଣ ଭାରତୀୟ ସିନେମାରେ ତମନ୍ନା ଭାଟିଆ ଜଣେ ପରିଚିତ ଅଭିନେତ୍ରୀ । ସେ ମଧ୍ୟ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି । ହେଲେ ତାଙ୍କର ଗୋଟିଏ ଆଶା ଥିଲା, ଯାହା ନିକଟରେ ପୂରଣ ହୋଇଛି । ତାହା କ'ଣ ଜାଣନ୍ତି ? ତମନ୍ନା ଆଶା ରଖିଥିଲେ ଯେ ବରୁଣ ଧାୱନଙ୍କ ସହ ସେ ଏକ କମେଡିଭିତ୍ତିକ ଫିଲ୍ମରେ ଅଭିନୟ କରିବେ । ଯାହାହେଉ ତାଙ୍କର ଏହି ଆଶା ନିକଟରେ ପୂରଣ ହୋଇଛି । ଆନିସ ବାଜମୀଙ୍କ ଆଗାମୀ ଫିଲ୍ମ 'ନୋ ଏଣ୍ଟ୍ରି ୨'ରେ ସେ ଫିମେଲ ଲିଡ୍‌ରେ ଅଭିନୟ କରିବାକୁ ଯାଉଛନ୍ତି । ଏଭଳି ଏକ ଅଫର ବିଷୟରେ ତମନ୍ନା କହନ୍ତି, ''ଯେତେବେଳେ ମୋତେ ଏହି ଅଫରଟି ମିଳିଲା ଆଉ ମୁଁ ଜାଣିବାକୁ ପାଇଲି ଯେ ମୁଁ ବରୁଣ ଧାୱନଙ୍କ ନାୟିକା ସାଜିବି, ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା । ଏହି ଫିଲ୍ମରେ କମେଡି ଭରି ରହିଛି । ଖାସ୍ କଥା ହେଲା, ଏପରି ଏକ ଫୁଲ୍ କମେଡି ଫିଲ୍ମରେ ଅଭିନୟ କରିବାକୁ ଚାହିଁ ବସିଥିଲି । ଯାହାହେଉ ମୋର ଏହି ଆଶାକୁ ନିର୍ଦ୍ଦେଶକ ଆନିସ ବାଜମୀ ପୂରଣ କରିଛନ୍ତି ।'' ଏହି ଫିଲ୍ମରେ ବରୁଣ ଏବଂ ତମନ୍ନାଙ୍କ ବ୍ୟତୀତ କ୍ରିତି ସାନନ୍, ଯୋଗୀ ବାବୁ, କିର୍ତ୍ତି ସୁରେଶ, ଅର୍ଜୁନ କପୁର, ଜନି ଲିଭର ଏବଂ ମାନୁଷୀ ଛିଲ୍ଲାରଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଫିଲ୍ମଟିକୁ ପ୍ରଯୋଜନା କରୁଛନ୍ତି ବୋନି କପୁର । ଏହାର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।


ତମନ୍ନା

# ନିକିତା ଅବତାର

ସୋନାକ୍ଷୀ ସିହ୍ନାଙ୍କ ଖୁସି ଏବେ କହିଲେ ନ ସରେ । କାରଣ ସେ ଅଭିନୟ କରିଥିବା ନୂଆ ହିନ୍ଦୀ ସିନେମା 'ନିକିତା ରୟ' ଶେଷରେ ରିଲିଜ ହେବାକୁ ଯାଉଛି । ଏହି ଫିଲ୍ମର ଟାଇଟଲ ଘୋଷଣା ୨୦୨୨ରେ କରାଯାଇଥିଲା । ଶୁଟିଂ ଶେଷ ହୋଇଥିଲେ ମଧ୍ୟ କେତେକ କାରଣରୁ ଏହା ରିଲିଜ ହୋଇପାରୁ ନ ଥିଲା । ଏପରି କି ଦୁଇ-ତିନି ଥର ମୁକ୍ତିଲାଭ ତାରିଖ ଫାଇନାଲ ହୋଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ତାହାକୁ ବାତିଲ କରାଯାଇଥିଲା । ଯାହାହେଉ ଶେଷରେ ଚଳିତ ମାସ ୧୮ରେ ଏହି ଚିତ୍ରଟି ପରଦା ଉପରକୁ ଆସୁଛି । ଏ ନେଇ ସୋନାକ୍ଷୀ କୁହନ୍ତି, ''କେତେକ କାରଣରୁ ମୋ ସିନେମା ରିଲିଜ ହୋଇପାରୁ ନ ଥିଲା । ଶେଷରେ ଚଳିତ ମାସ ୧୮ରେ ଏହାକୁ ଦର୍ଶକ ପ୍ରେକ୍ଷାଳୟରେ ଦେଖିବାକୁ ପାଇବେ । ଏହାର ଟାଇଟଲ ଭୂମିକାରେ ମୁଁ ଅଭିନୟ କରିଛି । ହେଲେ ଏହି ଭୂମିକା ପଛରେ କ'ଣ ରହିଛି ତାହା ଦର୍ଶକ ପରଦା ଉପରେ ଦେଖିବାକୁ ପାଇବେ ।'' ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି କୁଶ ଏସ. ସିହ୍ନା । ଏଥିରେ ସୋନାକ୍ଷୀଙ୍କ ବ୍ୟତୀତ ପରେଶ ରାୱଲ ଏବଂ ଅର୍ଜୁନ ରାମପାଲଙ୍କୁ ମଧ୍ୟ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ । ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିନବ ଶେଖର । କେବଳ ହିନ୍ଦୀ ଭାଷାରେ ନିର୍ମିତ ଏହି ଫିଲ୍ମଟିର ଅବଧି ରହିଛି ମାତ୍ର ୧୧୨ ମିନିଟ୍ । ତେବେ ଉକ୍ତ ଚିତ୍ରଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା ।


ସୋନାକ୍ଷୀ

## ପ୍ରଥମ ରୋଜଗାର

# ଦରମା ସଞ୍ଚି ସଞ୍ଚି ଏସ୍ ଏଲ୍ ଆର୍ କ୍ୟାମେରା କିଣିଥିଲି

**କବି, କଥାକାର ତଥା ସେବାନିବୃତ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ବିରଜା ରାଉତରାୟ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**



ପ୍ରଥମ ଥର ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଦେଇଥାଏ। ସେଥିରେ କୃତକାର୍ଯ୍ୟ ହେବାପରେ ମୋତେ ପୋଷ୍ଟିଂ ମିଳିଥାଏ କଳାହାଣ୍ଡିରେ। ଆଗରୁ କଳାହାଣ୍ଡି କହିଲେ ଅନାହାର ଓ ଦାଦନର ଏକ କରୁଣରାଗର ଭୂ–ଚିତ୍ର ମୋ ମାନସିକତାରେ ବସା ବାନ୍ଧି ରହିଥିଲା। ଯେତେବେଳେ ମୁଁ ୧୯୯୯ ମସିହା ମାର୍ଚ୍ଚ ୧୦ ତାରିଖରେ ଜଣେ ପ୍ରୋବେସନର୍ ସହକାରୀ ବନ୍ଦୋବସ୍ତ ଅଧିକାରୀ ଭାବେ କଳାହାଣ୍ଡି ବନ୍ଦୋବସ୍ତ ସର୍କଲରେ ଯୋଗ ଦେଇଥିଲି, ଏହି ଭୂଖଣ୍ଡର ଉଭୟ ଉର୍ବର ଓ ଅନୁର୍ବର ଚିତ୍ରର ସତସତିକା କଳାଧଳା ଛବି ସହ ମୁଁ ପରିଚିତ ହେଲି। ହଁ, ଯାହା ଶୁଣିଥିଲି, ଏଠି ଭୋକ ଥିଲା, ଦାରିଦ୍ର୍ୟ ଥିଲା, ଜଳ ସଙ୍କଟ ଥିଲା, ଦଇବର ଦୁର୍ବିପାକ ବି ଥିଲା ; କିନ୍ତୁ ଏସବୁ ସତ୍ତ୍ୱେ ଏହାର ସରଳ ଲୋକ ଚରିତ୍ର ଓ ନୈସର୍ଗିକ ରୂପଚିତ୍ର ମୋ ମନ ଭିତରେ ଏକ ଅମୂଲ୍ୟ ପୁଞ୍ଜି ପରି ବସାବାନ୍ଧି ରହିଗଲା। ହଁ, ମୁଁ କିଛି କାଁ ଭାଁ ଲେଖାଲେଖି କରୁଥିଲି ଆଗରୁ। ଚିତ୍ର ଆଂକୁଥିଲି। ଜୀବନ ଓ ଚାରିପାଖ ସମାଜର ଲୋଡ଼ା ଅଲୋଡ଼ା ଦୃଶ୍ୟ ଓ ମଣିଷମାନଙ୍କର ପେନସିଲ ସ୍କେଚ୍ ଆଂକୁଥିଲି। ଚାକିରିର ବ୍ୟସ୍ତବହୁଳ ଜୀବନ ଆରମ୍ଭ ହେଲା ପରେ ଏହି ସବୁ ପ୍ରବୃତ୍ତିରୁ ନିଜକୁ ଯଥାସମ୍ଭବ ବିରତ ରଖିଥିଲି। ମାତ୍ର ହାୟ.. କଳାହାଣ୍ଡି ! ପୁଣି ମୋ ଭିତରେ ଦୋହରାଇ ଦୋହରାଇ ଡକରା ପକେଇଲା ଶୋଇଥିବା ସୃଜନ ମଣିଷଟିକୁ ! ସକାଳୁ ସଞ୍ଜ କାମର ଚାପରେ ନା ଲେଖିବାକୁ ମନରେ ଉତ୍ସାହ କି କୌଣସି ଛବି ଆଙ୍କିବାକୁ ସମୟ ମିଳୁଥିଲା ! ଟ୍ରେନିଂ ପାଇଁ ବିଭିନ୍ନ କ୍ୟାମ୍ପକୁ ଯିବା ବାଟରେ ନିଜ ଚାରିପଟେ ଉନ୍ମୁକ୍ତ ମୁଖର ପୃଥିବୀ ସହ ଭେଟାଭେଟି ଅଜାଣତରେ ମୋତେ ପ୍ରଗଳ୍ଭ କରି ଚାଲିଥାଏ। ଦେଖେ ପାହାଡ଼ର ଚୂଡ଼ାରେ ଆଉ ତା'ଛାତିରେ ଖଣ୍ଡ ଖଣ୍ଡ ବାଦଲ ସବୁ କିପରି ଘଷି ହୋଇ ମନ ଦିଆ ନିଆ ହେଉଛନ୍ତି। ପୁଣି ଦେଖେ ଟ୍ରାକ୍ଟରର ଡାଲାରେ ଲୁଗାର କାନିକୁ ଫର୍ ଫର୍ ଉଡାଇ ଗାଁକୁ ଫେରୁଥିବା ଅନୂଢ଼ା ଆଦିବାସୀ ଯୁବତୀକୁ। ଏସବୁ ଦୃଶ୍ୟକୁ ଆଖିର କାନଭାସରେ ସବୁଦିନ ପାଇଁ ସାଇତି କରି ରଖିବା ପାଇଁ ମନ ବ୍ୟାକୁଳ ହୋଇଉଠେ। କିନ୍ତୁ ହାୟ... ଉପାୟ ନ ଥାଏ। ନା ଛବି ଆଙ୍କିବାକୁ ବେଳ ଥାଏ, ନା ଭାବନାର ଆତିଶଯ୍ୟରେ କିଛି ଲେଖିବାକୁ ଧୈର୍ଯ୍ୟ ଥାଏ। ମନେ ମନେ ଖୋଜି ହେଉଥିଲି ହାତରେ ଭଲା ଥାଆନ୍ତା ହେଲେ ଖଣ୍ଡେ ଭଲ କ୍ୟାମେରା ! ଏହି ସବୁ ଅଭୁଲା ରୋମାଞ୍ଚିତ ପୁଲକିତ ଦୃଶ୍ୟକୁ କ୍ୟାମେରା ଲେନ୍ସରେ ସାଉଁଟି ପାରୁଥାନ୍ତି!

ମୁଁ ସେତେବେଳେ ଭବାନୀପାଟଣା ସହରର ଏକ ଲଜିଂରେ ରହୁଥାଏ। ସେଠାକାର ତତ୍କାଳୀନ ରକ୍ଷଣଶୀଳ ସାମାଜିକ ଦୃଷ୍ଟିକୋଣରେ ବ୍ୟାଚଲରମାନଙ୍କ ପାଇଁ ଘରଭଡା ମିଳିବା ଖୁବ୍ ଦୁରୂହ ବ୍ୟାପାର ଥିଲା। ତେଣୁ ସେଠାରେ ପ୍ରଥମ ଚାକିରି ଆରମ୍ଭକାଳ ସମୟତକ ଲଜିଂରେ ରହିବା ଓ ହୋଟେଲରେ ଖାଇବା ଆଦି ବାଦେ ଅପେକ୍ଷାକୃତ ବ୍ୟୟବହୁଳ ଖର୍ଚ୍ଚ ହୋଇ ପଡୁଥିଲା। ପ୍ରଥମ ଦରମାରୁ କିଛି, ସେହିପରି ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଦରମାରୁ କିଛି ; ସବୁକୁ ମିଶାଇ ଛୁଟି ଦିନ ଦେଖି ବାହାରି ଯାଇଥିଲି କଳାହାଣ୍ଡିରୁ କଟକ। ସେତେବେଳେ କଟକ ବାଦାମବାଡି ଭର୍ତିଆ ଟାୱାରରେ ଥିବା ଏକମାତ୍ର ଦୋକାନରେ ଏସ୍ ଏଲ୍ ଆର୍ କ୍ୟାମେରା ମିଳୁଥିଲା। ଚାରିମାସ ଦରମାର ସଞ୍ଚିତ ପଇସା ମିଶାଇ କିଣିଥିଲି ନିକନ୍ ଏଫ୍ ଏମ୍ – ଏସ୍ ଏଲ୍ ଆର୍ କ୍ୟାମେରା। ବାସ୍, ଆରମ୍ଭ ହୋଇ ଯାଇଥିଲା ମୋର ଚାକିରୀ ସହ ସୌଖିନ ଫଟୋଗ୍ରାଫର୍‌ର ଜୀବନ।

# ତେରେଛା ଚାହାଣି ଅଳପ ହସ, ସହଜେ ଫିଟେନା ପ୍ରେମର ଫାଶ

**ପ୍ରଶ୍ନ–**ଜଣେ ସୁନ୍ଦରୀର ଚାହାଣି ମୋତେ ପାଗଳ କରିଛି। ମତେ ଲାଗୁଛି ସେଥିରୁ ଆଉ ମୁଁ ମୁକୁଳି ପାରିବି ନାହିଁ। ସେ କ'ଣ ମୋର ପରମାନେଣ୍ଟ ପ୍ରେମିକା ହୋଇପାରିବ ? *–ଆଶୁତୋଷ, ବ୍ରହ୍ମପୁର*

**ଉତ୍ତର:** ଏ ପ୍ରଶ୍ନ ନିଜ ମନକୁ ପଚାରନ୍ତୁ। ଯାହାକୁ ପରମାନେଣ୍ଟ ପ୍ରେମିକା କରିବେ ବୋଲି ସ୍ଥିର କରିଛନ୍ତି ସେ ଆପଣଙ୍କୁ ପ୍ରେମ କରେ ତ ? ସବୁ ସୁନ୍ଦରୀଙ୍କ ଚାହାଣିରେ ଯେ ପ୍ରେମର ଯାଦୁ ରହିଛି ତାହା ଭାବିବା ଭୁଲ। ସେହି ଚାହାଣୀରେ ବେଳେବେଳେ ଅନ୍ୟ ଅଭିଷନ୍ଧି ଲୁଚି ରହିଥାଏ। ଯଦି ଆପଣଙ୍କର ହୃଦୟଙ୍ଗମ ହେଉଛି ଯେ ସେହି ସୁନ୍ଦରୀ ଚାହାଣୀ ଆପଣଙ୍କ ମନକୁ ଘାଇଲା କରିଛି, ତେବେ ତା' ହୃଦୟରେ ପ୍ରଥମେ ଜାଗାଟିଏ ରିଜର୍ଭ କରନ୍ତୁ। କାରଣ ପ୍ରେମ ଏଭଳି ଏକ ଫାସ ଯଦି ତାହା ଠିକ୍ ଭାବରେ ପଡିଗଲା ତେବେ ସହଜରେ ଫିଟି ନ ଥାଏ। 'ତେରେଛା ଚାହାଣି ଅଳପ ହସ, ସହଜେ ଫିଟେନା ପ୍ରେମର ଫାଶ'। ତେଣୁ ସେପଟୁ ଯଦି ଗ୍ରୀନ୍ ସିଗନାଲ ରହିଛି ତେବେ ଆଗନ୍ତୁ ନ ହେଲେ ଏବେଠାରୁ ବେଳ ଦେଖି ଅନ୍ୟ ରାସ୍ତା ଦେଖନ୍ତୁ।

**ପ୍ରଶ୍ନ–**ପ୍ରେମର ସୃଷ୍ଟି କେମିତି ହୁଏ ତାକୁ ନେଇ ଅନେକ କଥା ଶୁଣାଯାଏ। ତେବେ ପ୍ରକୃତରେ ପ୍ରେମ କିପରି ଆରମ୍ଭ ହୁଏ ଜାଣିପାରେ କି? *–ଅମିତ ପ୍ରଧାନ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ ଲଙ୍ଗ ଯୋଡି ହୋଇ ରହିବ।

**ପ୍ରଶ୍ନ–**ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ହେଲେ ତାକୁ ମୁଁ ମନରୁ ପାସୋରି ପାରୁନି। କ'ଣ କରିବି ? *–ରଞ୍ଜିତ କୁମାର, ତାଳଚେର*

**ଉତ୍ତର:** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି। ଏବେ ସେ ପ୍ରେମ ନାହିଁ କି ପ୍ରେମିକା ନାହିଁ। ତେଣୁ ସେପରି ପ୍ରେମର ଦ ଏଣ୍ଡ ହୋଇଯାଇଛି ବୋଲି ଧରିନିଅନ୍ତୁ। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ଯଦି ମନର ମାନସୀ ଭାବରେ ଚଏସ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ଏବେ ନୂଆ ପ୍ରେମକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପୁରୁଣା ପ୍ରେମକୁ ସମ୍ପୂର୍ଣ୍ଣ ଭାବରେ ମନରୁ ପୋଛି ଦିଅନ୍ତୁ।

**ପ୍ରଶ୍ନ–**ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। ହେଲେ ତାକୁ କେମିତି ଆପଣେଇ ନେବି ଜାଣିପାରୁନି। କ'ଣ କରିବି ? *–ଦିବାକର ସାହୁ, ରାଉରକେଲା*


**ଉତ୍ତର:** ଯଦି ଜାଣୁଛନ୍ତି କଥା ଏତେବାଟ ଆଗେଇ ଗଲାଣି ତେବେ ଡେରି କରୁଛନ୍ତି କିଆଁ ? ପ୍ରେମରେ ସବୁବେଳେ ଶୁଭସ୍ୟ ଶୀଘ୍ରମ। ବିଳମ୍ବ କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। କାରଣ ଅନେକ ସମୟରେ ଇସାରାରୁ ପ୍ରେମର ସୃଷ୍ଟି ହୋଇଥାଏ। ଯଦି ତାହାକୁ ଦେଖି ଜାଣିପାରୁଛନ୍ତି ଯେ ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ ବାସ୍, ସେହି ମନର ମାନସୀକୁ ନିଜ ମନର ସ୍ୱତନ୍ତ୍ର କୋଣରେ ରଖି ଦିଅନ୍ତୁ।

**ପ୍ରଶ୍ନ–**ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ଭାବୁଛି ତାକୁ ମନରୁ ଆଉଟ୍ କରିଦେବି। ହେଲେ ସାହସ ହେଉନି। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ? *–ଅମିତାଭ ସାହୁ, କଟକ*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ସେଥିରୁ ଲାଗୁଛି ଯେ ଆପଣ ପ୍ରେମ ଆକାଶରେ ତ୍ରିଶଙ୍କୁ ପରି ଝୁଲି ରହିଛନ୍ତି। ପ୍ରେମରେ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ପ୍ରେମ ହୋଇଯାଏ ରଙ୍ଗହୀନ, ସ୍ୱାଦହୀନ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକ୍‌ମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର।



# ବଂଶୀଧରଙ୍କ ସଂକଳ୍ପ



ଚିତ୍ରାଙ୍କନ କରିବା ଓ କବିତା ଲେଖିବାରେ ତାଙ୍କର ପ୍ରବଳ ଆଗ୍ରହ ଥିବାରୁ ; ପରବର୍ତ୍ତୀ ସମୟରେ ସେଥିରେ ମନୋନିବେଶ କରିଥିଲେ । ଗାଁରେ ବିଭିନ୍ନ ପର୍ବପର୍ବାଣି ବେଳେ ମଞ୍ଚ ନାଟକରେ ଅଭିନୟ ବି କରୁଥିଲେ । ଏସବୁ ବାଦ୍ ନିଜସ୍ୱ ଉଦ୍ୟମରେ ସେ ଗଢିଥିଲେ ଏକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ । ଏହି ଅନୁଷ୍ଠାନ ଜରିଆରେ ସେ ବିଭିନ୍ନ କାର୍ଯ୍ୟରେ ସାମିଲ ହେଉଥିଲେ । ଯେମିତିକି ପରିବେଶ ସୁରକ୍ଷା ଓ ଜଙ୍ଗଲ ରକ୍ଷା ପାଇଁ କାର୍ଯ୍ୟ କରିବା । ଏ ସବୁଥିରେ ଥିଲା ତାଙ୍କର ଆତ୍ମ ସନ୍ତୁଷ୍ଟି । ସେ ହେଲେ **ବଂଶୀଧର ପଣ୍ଡା** । ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ଆରିକମା ଗାଁରେ । ସେ କୁହନ୍ତି, 'ପିଲାଦିନେ ସ୍କୁଲରେ ଚିତ୍ର ଆଙ୍କିବା ସହ ବିଭିନ୍ନ ଶିକ୍ଷଣୀୟ ବହି ପଢିବାକୁ ମୋତେ ଭାରୀ ଭଲ ଲାଗୁଥିଲା । ଖୁବ୍ ପଢୁଥିଲି ଆଉ ଆମ ଗାଁରେ ଆୟୋଜିତ ଡ୍ରାମାରେ ବି ଅଭିନୟ କରୁଥିଲି । ମୋ ଅଭିନୟ ଦର୍ଶକଙ୍କୁ ବି ଖୁବ୍ ଛୁଉଁଥିଲା । ସେମାନଙ୍କ ପ୍ରଶଂସା ମୋତେ ଆହୁରି ଅଧିକାରୁ ଅଧିକା ଗଢୁଥିଲା । ସବୁବେଳେ ଚାହୁଁଥିଲି ଆଉ କିଛି କରିବି ; ଯେଉଁଥିରୁ ଆରମ୍ଭ ହେଲା ମୋ ଜୀବନର ଆଉ ଗୋଟେ ଅଧ୍ୟାୟ ଲେଖାଲେଖି । ମୁଁ ଲେଖିଥିବା 'ପୁରାଣ କଥା', 'ବଂଶୀ ନିସନ' ଓ 'ମୋ ଗାଁ ଆରିକମା' ଆଦି ପୁସ୍ତକ ରୂପରେ ପ୍ରକାଶିତ ହୋଇଛି । ଗାଁରେ 'ମୁଖଶାଳା' ନାମରେ ଏକ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଗଢିବା ସହ ଗାଁ ପିଲାମାନଙ୍କର ପଢାପଢି ପାଇଁ ଏକ ପାଠାଗାରଟିଏ ଗଢିଛି । ଯେଉଁଠିକି ବହୁତ ପିଲା ପଢିବାକୁ ଆସୁଛନ୍ତି । ଏଥିପାଇଁ ମୁଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କଠାରୁ ବିଭିନ୍ନ ପୁସ୍ତକ ଓ ପତ୍ରପତ୍ରିକା ସଂଗ୍ରହ କରିଥାଏ । ସେଥିପାଇଁ ଦିନକୁ ଦୁଇଘଣ୍ଟା ସମୟ ଦେଇଥାଏ । ବଣମଲ୍ଲୀ ସାହିତ୍ୟ ସଂସଦ ଆମ ଅନୁଷ୍ଠାନ ମୁଖଶାଳାର ଏକ ଅଙ୍ଗ । ଏହି ଅନୁଷ୍ଠାନ ମାଧ୍ୟମରେ ପ୍ରତିବର୍ଷ ବିଭିନ୍ନ ସାମାଜିକ କାର୍ଯ୍ୟ, କବିତା ଆସର, ସମ୍ବର୍ଦ୍ଧନା, ଆଲୋଚନାଚକ୍ର,ରଜ ଉତ୍ସବ ଆୟୋଜିତ କରାଯାଇଥାଏ । ବିଭିନ୍ନ ସାମାଜିକ କାର୍ଯ୍ୟ ହେଉ କି ସାଂସ୍କୃତି କାର୍ଯ୍ୟରେ ସାମିଲି ହେଉଥିବାରୁ ମୋତେ ବହୁତ ମାନସିକ ଶାନ୍ତି ମିଳିପାରୁଛି । ' ତାଙ୍କର ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ସମେତ ବିଭିନ୍ନ ସଂସ୍ଥାରୁ ତାଙ୍କୁ ପୁରସ୍କାର ଓ ସମ୍ମାନ ମିଳିଛି । ତାଙ୍କ ମତରେ, 'ଜଙ୍ଗଲ ରକ୍ଷା ଓ ପରିବେଶ ସୁରକ୍ଷା' ପାଇଁ ସମସ୍ତେ ସଙ୍କଳ୍ପ ନେବା ଜରୁରୀ ।




# ଜଙ୍ଗଲ ସୁରକ୍ଷାରେ ଗ୍ରାମବାସୀ

**ବୃ**କ୍ଷ ହିଁ ଜୀବନ । ମାତ୍ର ବହୁଳମାତ୍ରାରେ ପ୍ରାକୃତିକ ଜଙ୍ଗଲରୁ ଗଛ କଟା ହେବା ଯୋଗୁ ଜଙ୍ଗଲ କ୍ଷୟ ହେଉଛି । ପରିବେଶ ସନ୍ତୁଳନରେ ବାଧା ସୃଷ୍ଟି ହେଉଛି । ଏହାକୁ ଦୃଷ୍ଟିରେ ରଖି କେତୋଟି ଗାଁର ଲୋକେ ଜଙ୍ଗଲ ବଞ୍ଚାଇବାର ପ୍ରୟାସ ଜାରି ରଖିଛନ୍ତି । ସେମିତି ଜଙ୍ଗଲ ରକ୍ଷା ପାଇଁ ପଣ କରିଥିବା ଏକ ଗାଁ ସମ୍ପର୍କରେ...



ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା ବନଖଣ୍ଡ ଅଧୀନ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକମା ଗ୍ରାମସ୍ଥିତ କୋଶଳାଶୁଣୀ ଜଙ୍ଗଲ । ପ୍ରାୟ ଏରିଆ–ଏ୩୦୭.୫୮୪ ଡିସିମିଲରୁ ଅଧିକ । ଏହି ଜଙ୍ଗଲ ଉପରେ ନିର୍ଭରଶୀଳ ଗାଁ ହେଲା– ଆରିକମା, ଭବାନୀପୁର, ଶଙ୍କରପୁର, କାଦୁଆପଡ଼ା, ଠଣାପଲ୍ଲୀ ଓ କୋଟସିଙ୍ଗା । ଏହି ସବୁ ଗାଁର ଲୋକମାନେ ଜଙ୍ଗଲ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି । ଜଙ୍ଗଲ ସୁରକ୍ଷାସମିତିର ପୂର୍ବତନ ସଭାପତି ବଂଶୀଧର ପଣ୍ଡା କୁହନ୍ତି, 'ଜଙ୍ଗଲ ସୁରକ୍ଷାକାରୀମାନେ ହାତରେ ଠେଙ୍ଗା, କାନ୍ଧରେ ହତିଆର ଧରି ଜଙ୍ଗଲର ସୁରକ୍ଷା କରିଆସୁଛନ୍ତି । ଜଣେ କି ଦୁଇଜଣ ନୁହେଁ ପ୍ରାୟ୬/୭ଖଣ୍ଡ ଗାଁର ବଛାବଛା ଜଙ୍ଗଲ ସମିତିର ସଦସ୍ୟମାନେ । ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ବ୍ୟବସ୍ଥା ଲାଗି ଗାଁର ଲୋକେ ଠେଙ୍ଗାପାଳି ଅନୁଯାୟୀ କ୍ରମାନ୍ୱୟରେ ପ୍ରତିଦିନ୧୨ଜଣ ଲେଖାଏଁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜଙ୍ଗଲରେ ପହରା ଦେଇଆସୁଛନ୍ତି । ରାତିରେ ମଧ୍ୟ ଜଗାରଖା କରାଯାଇଥାଏ । ଯଦି କାହାରି ପାଳିରେ ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଗାଁ ଲୋକଙ୍କ ସମୂହ ନିଷ୍ପତ୍ତିରେ ବିଚାର ଅନୁସାରେ ୫୦ଟଙ୍କା ଆଦାୟ କରାଯାଏ । ଜଗୁଆଳିମାନଙ୍କ ରହଣି ନିମନ୍ତେ ୪ଟି ଆବାସସ୍ଥଳ, ପିଇବାପାଣି ପାଇଁ କୂଅ ଓ ସାଧାରଣ ଯାତ୍ରୀଙ୍କ ପାଇଁ ବିଶ୍ରାମାଗାରକୁ ଗ୍ରାମବାସୀ ତିଆରି କରିଛନ୍ତି । ଜଙ୍ଗଲକମିଟି ସଦସ୍ୟମାନଙ୍କ ଗୋଟିଏ ସ୍ଲୋଗାନ 'ଜଙ୍ଗଲ ରକ୍ଷା ଓ ପରିବେଶ ସୁରକ୍ଷା' । ଏହି ଜଙ୍ଗଲରେ ବିଭିନ୍ନ ପ୍ରକାର ଗଛଲତା ମଧ୍ୟରେ ବିଶେଷକରି ପ୍ରାୟ ୯୦ପ୍ରତିଶତ ଶାଳ ଏବଂ ଅନ୍ୟାନ୍ୟ ଗଛ ଭାବେ ପିଆଶାଳ, ଅସନ, ବାହାଡ଼ା, ମହୁଲ, କୁରୁମ, ଶାଗୁଆନ, କେନ୍ଦୁ, ଖୁଆମ, ବାନ୍ଧଣ, କଷାକେନ୍ଦୁ, କୋଚିଲା, ତେନ୍ତୁଳି, ଆମ୍ବ, ପଣସ, ଜାମୁକୋଳି, ବରକୋଳି, ବେଲ, ହରିଡ଼ା, ବାହାଡ଼ା, ଅଁଳା, ନିମ୍ବ ଆଦି ନାନା ପ୍ରକାର ବୃକ୍ଷଲତା ରହିଛି । ସେହିପରି ଏହି ଜଙ୍ଗଲରେ ବାସକରୁଥିବା ଜୀବଜନ୍ତୁଙ୍କ ମଧ୍ୟରେ ଏଠାରେ ଅନେକ ସମୟରେ– ବାରହା, ଝିଙ୍କ, ମୟୂର, ଗାଡ଼ଭାଲୁ, କୁତ୍ରା, ବଣକୁକୁଡ଼ା, ଅଜଗର, ନେଉଳ, ଠେକୁଆ,ଶିଆଳ ଆଦି ଜୀବଜନ୍ତୁ ଚଳପ୍ରଚଳ କରୁଥିବାର ଦେଖିବାକୁ ମିଳେ । ଜଙ୍ଗଲ ସୁରକ୍ଷା ଯୋଗୁ ଏହି ଜଙ୍ଗଲ ମଧ୍ୟରେ ବିଭିନ୍ନ ଜୀବଜନ୍ତୁ ଅବାଧରେ ଚରାବୁଲା କରିପାରୁଛନ୍ତି । ପ୍ରଥମେ ଏହି ଜଙ୍ଗଲକୁ ୧୯୬୫ମସିହାରୁ ସଂରକ୍ଷଣ ଓ ସୁରକ୍ଷା କରୁଥିବା ପ୍ରାୟ ୧୫୧ଟି ପରିବାର ମଧ୍ୟରେ ଆରିକମା, ଶଙ୍କରପୁର, ଭବାନୀପୁର ବାସିନ୍ଦା ପ୍ରମୁଖ ଅଛନ୍ତି । ଆଖପାଖ ସ୍ଥାନୀୟ ଗ୍ରାମର ଗରିବ ଲୋକଙ୍କ ଆର୍ଥିକ ସୁଧାର ପାଇଁ ଜଙ୍ଗଲଜାତ ମହୁଲ, ଝାଡ୍ରୁ, ଶାଳଫୁଲ, ଖଜୁରି ସଂଗ୍ରହ କରିଥାନ୍ତି । ବନସୁରକ୍ଷା ନିମନ୍ତେ ସରକାରୀ ସ୍ତରରେ ୨୦୦୬ରେ ଜଙ୍ଗଲ ବିଭାଗ ପକ୍ଷରୁ ଏକ ଜଙ୍ଗଲ ସମିତି ଗଠନ କରାଯାଇଥିଲା । ୨୦ଜଣିଆ ପରିଚାଳନା ପରିଷଦ ଦ୍ୱାରା ପଦକ୍ଷେପ ନିଆଯାଇଥାଏ । ଏହି ଜଙ୍ଗଲ ସୁରକ୍ଷାର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୧୫ରେ ଖୋର୍ଦ୍ଧା ଜିଲାପାଳ, ଡିଏଫଓ, ରେଞ୍ଜର ଏବଂ ସ୍ଥାନୀୟ ଜନସାଧାରଣ ପରିବେଶବିତ୍ ଯୋଗ ଦେଇଥିଲେ । ଜଙ୍ଗଲ ସୁରକ୍ଷା ପାଇଁ ଏଠାରେ ୨୧ଜଣଙ୍କୁ ସମ୍ମାନିତ କରାଯାଇଛି । ଏହି ଜଙ୍ଗଲ ମଧ୍ୟରେ ମା' କୋଶଳାଶୁଣୀଙ୍କ ପୀଠ ରହିଛି । ଉକ୍ତ ପୀଠକୁ ଏକ ଇକୋ ଟୁରିଜମ କେନ୍ଦ୍ରଭାବେ ଘୋଷଣା କରାଯାଇଛି । ୨୦୧୪ମସିହାରେ ବିଜୁ ପଟ୍ଟନାୟକ ପୁରସ୍କାର, ୨୦୧୬ରେ ପ୍ରକୃତିମିତ୍ର ପୁରସ୍କାର ମିଳିଛି । ପ୍ରତିବର୍ଷ ଜଙ୍ଗଲ ସୁରକ୍ଷାସମିତି ତରଫରୁ ମାର୍ଚ୍ଚ୨୧କୁ ଧରିତ୍ରୀ ଦିବସ, ଜୁନ୍ ୫ ପରିବେଶ ଦିବସ, ଜୁଲାଇ ୧ରୁ ୭ ବନମହୋତ୍ସବ ପାଳନ କରାଯାଇଥାଏ । ଏହି ସମୟରେ ପଡ଼ିଆଜାଗାରେ ନୂଆ ଚାରା ଲଗାଯାଏ । ମୃତ୍ତିକା ସଂରକ୍ଷଣ ପାଇଁ ଆଡ଼ିବନ୍ଧ କରାଯାଇଥାଏ । ଏଥିଯୋଗୁ ଜଙ୍ଗଲ ନିଆଁ ଆୟତ୍ତ ହୋଇପାରୁଛି । ଗ୍ରାମବାସୀଙ୍କ ଉଦ୍ୟମରେ ଜଙ୍ଗଲର ସୁରକ୍ଷା ହୋଇପାରୁଛି । କିନ୍ତୁ ଜୀବଜନ୍ତୁଙ୍କ ପାଇଁ ପିଇବାପାଣିର ଅଭାବ ଯୋଗୁ ସେମାନେ ରାସ୍ତା ଉପରକୁ ପାଣିସନ୍ଧାନରେ ଚାଲିଆସୁଥିବା ବେଳେ ବିପଦର ସମ୍ମୁଖୀନ ହୋଇଥାନ୍ତି । ତେଣୁ ଜଳାଶୟର ଆବଶ୍ୟକତା ରହିଛି । ତେବେ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ସବୁଜିମା ପରିବେଶ ସୃଷ୍ଟି ହୋଇଛି । ଏଥିପାଇଁ ଦିନରାତି ଜଗିବାର ଚିନ୍ତା କରିଛନ୍ତି । ଅନ୍ୟପକ୍ଷେ ଏହି ପ୍ରାକୃତିକ ପରିବେଶକୁ ଦେଖିବା ପାଇଁ ବର୍ଷର ବିଭିନ୍ନ ସମୟରେ ଏଠାକୁ ପ୍ରକୃତିପ୍ରେମୀ, ପରିବେଶବିତ୍ ଓ ପର୍ଯ୍ୟଟକମାନେ ଆସିଥାନ୍ତି । ତେବେ ରାଜ୍ୟ ସରକାରଙ୍କ ଜଙ୍ଗଲବିଭାଗ ତରଫରୁ ଏଠାର ପରିବେଶ ପ୍ରତି ସର୍ବଦା ଶୁଭଦୃଷ୍ଟି ରଖିବାକୁ ଅଞ୍ଚଳବାସୀଙ୍କ ତରଫରୁ କୁହାଯାଇଛି ।







–ବନବିହାରୀ ବେହେରା

# ପୋତାଗଡ଼

**ଅନେକ ଐତିହାସିକ ଘଟଣାବଳୀର ମୂକସାକ୍ଷୀ ହୋଇ ଏବେ ବି ଦଣ୍ଡାୟମାନ ହୋଇ ରହିଥିବା ଗଞ୍ଜାମର ପୋତାଗଡ଼ ସମ୍ପର୍କରେ...**










ଗଞ୍ଜାମର ମୁଖଶାଳା –ରଷିକୁଲ୍ୟା ପୋତାଗଡ଼ ଦୁର୍ଗ। ପୋତାଗଡ଼ ଅଥବା ପୋତାଗଡ଼ ଦୁର୍ଗ ଐତିହାସିକ ତଥା ଗବେଷକଙ୍କ ଦୃଷ୍ଟିରେ ବେଶ୍ ରହସ୍ୟମୟ। କିଛି ଗବେଷକଙ୍କ ତଥ୍ୟ ତଥା ଔପନ୍ୟାସିକ ଡ. ନୃସିଂହ ଚରଣ ପଣ୍ଡାଙ୍କ ଐତିହାସିକ ଉପନ୍ୟାସ 'ଖାରବେଳ'ରୁ ଜଣାପଡେ ଯେ, ପ୍ରାଚୀନ ଗଞ୍ଜାମ ପୋତାଗଡ଼ ରାଜପ୍ରାସାଦ ଥିଲା ମହାମେଘ ବାହନ ଐର ଖାରବେଳଙ୍କ ଶୈଶବ ଘର ଅନ୍ତୁଡିଶାଳ। ବଙ୍ଗୋପସାଗର ଓ ପବିତ୍ର ରଷିକୁଲ୍ୟା ନଦୀର ସଙ୍ଗମ ସ୍ଥଳୀରେ ଏହି ବନ୍ଦର ଏବେ ବି ଦଣ୍ଡାୟମାନ। ପରବର୍ତ୍ତୀ ବିଭିନ୍ନ ପର୍ଯ୍ୟାୟ ଦେଇ ଗତିକରି ଏହା ମୁସ୍‌ଲିମ, ମରହଟ୍ଟା, ଫରାସୀ, ବ୍ରିଟିଶ ପ୍ରଶାସକଙ୍କ ଜରିଆରେ ବିଭିନ୍ନ ପରିବର୍ତ୍ତିତ ରୂପରେଖ ପରିଗ୍ରହଣ କରିଅଛି । ପରିଶେଷରେ ଏହା ତାରକାକୃତି ଏକ ଦୁର୍ଗ ରୂପେ ରହିଅଛି । ଏହା ମଧ୍ୟ ଏକ ନୌ– ସାମରିକ ବାଣିଜ୍ୟ କର ଆଦାୟ କେନ୍ଦ୍ର ଓ ବ୍ରିଟିଶ ଅମଳର ବନ୍ଦୀଶାଳ ଥିଲା । ଭଞ୍ଜ ରାଜା ଧନଞ୍ଜୟ ଭଞ୍ଜ ଏଠାରେ ବନ୍ଦୀ ହୋଇ ରହିଥିଲେ।

ଏହା ଗଞ୍ଜାମ ଜିଲାର ପ୍ରଥମ ରାଜଧାନୀ । ଗୋଲକୁଣ୍ଡା ଅବଦୁଲ କୁତବ ସାହି ସମ୍ରାଟ, ଫରାସୀ ଜେନେରାଲ ଡି ବୁସି ଏବଂ ବ୍ରିଟିଶ ପ୍ରଶାସକଙ୍କ ଗଞ୍ଜାମ କିଲଟରି ଭାବେ ଏହା ଜଣାଶୁଣା। ବାରୁଦ ଘର, ଗୋରା କବର,ଦେବୀ ଗୃହ, ବିଶାଳ ଉଚ୍ଚ ଦୁର୍ଗ ପ୍ରାଚୀର ସମେତ ମୁଖଶାଳା,ପ୍ରବେଶ ଓ ପ୍ରସ୍ଥାନ ପଥ ,ଗୁପ୍ତ ସୁଡ଼ଙ୍ଗ, ଅନେକ ଛାତ ବେଷ୍ଟିତ ଗୁପ୍ତ କୋଠରି ସମେତ ସ୍ୱତନ୍ତ୍ର ରାଜା ନିବାସ, ରାଣୀ ଉଆସ,ଘୋଡ଼ାଶାଳ,ହାତୀଶାଳ କହେ ପୋତା ଗଡର ମିଶ୍ରିତ କଥା ଓ ଗାଥା, କହେ ଦନ୍ତପୁର ସାମ୍ରାଜ୍ୟର ସ୍ମୃତି, ଆଭିଜାତ୍ୟର ଐତିହ୍ୟ । ଗଞ୍ଜାମ ଜିଲାର ରମ୍ଭାଠାରୁ ଦକ୍ଷିଣକୁ ୧୨ କିମି ଗଲେ ପଡ଼େ ପୋତାଗଡ଼। ଉପରକୁ ପୋତି ହୋଇଥିଲା ପରି ଆଦୌ ଜଣା ପଡୁ ନ ଥିବା ଏହି ଦୁର୍ଗ ବି ଥିଲା ପ୍ରାଚୀନ କଳିଙ୍ଗର ରାଜଧାନୀ। ଶୈଳୋଦ୍ଭବ ରାଜବଂଶର ବିଶାଳ ନୌବାହିନୀ ଏଠାରେ ରହୁଥିଲେ। ସପ୍ତମ ଶତାବ୍ଦୀରେ ଚାଇନା ପରିବ୍ରାଜକ ହୁଏନ୍‌ସାଂ କଙ୍ଗୋଦ – କଳିଙ୍ଗ ସୀମାରେ ଏହି ରାଜଧାନୀ ନଗରୀ କଞ୍ଜୁଟୋ ବା ଗଞ୍ଜାମକୁ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିଥିଲେ। ପଞ୍ଚଦଶ ଶତାବ୍ଦୀରେ ଏଠାରେ ରାଜା କୃପାସିନ୍ଧୁ ମାନସିଂହ ଶାସନ କରୁଥିଲେ ବୋଲି ଗବେଷକ ଅନନ୍ତ ରାମ କର ମତ ଦିଅନ୍ତି । ଗୋଲକୁଣ୍ଡାର ଶାସକ ଅବଦୁଲ କୁତବ ଶାହାଙ୍କ ଶାସନ କାଳରେ ଖ୍ରୀ ୧୬୪୧ରେ ମହମ୍ମଦ ଖାନ ଶ୍ରୀକାକୁଲମ ଫୌଜଦାର ଭାବେ ନିଯୁକ୍ତ ହୋଇଥିଲେ । ସେ ଓଡ଼ିଶା ପ୍ରାନ୍ତ ଶ୍ରୀକାକୁଲମ ଓ ଇଚ୍ଛାପୁରରେ କେତେକ ସୁନ୍ଦର ମସ୍‌ଜିଦ ତିଆରି କରାଇଥିଲେ । ସେ ସମୟରେ ପୁରାତନ କଳିଙ୍ଗର ଦଣ୍ଡପାଟ (ଆଧୁନିକ ଗଞ୍ଜାମ) ଶ୍ରୀକାକୁଲମ ଓ ଇଚ୍ଛାପୁର ପରି ଦୁଇଟି ଭାଗରେ ବିଭକ୍ତ ହୋଇଥିଲା । ଇଚ୍ଛାପୁରର ପ୍ରଶାସନ ବ୍ୟବସ୍ଥାର ସୁପରିଚାଳନା ପାଇଁ ମହମ୍ମଦ ଖାନ ପୋତାଗଡ଼ର ନବ ନିର୍ମାଣ କରାଇଥାଇ ପାରନ୍ତି ବୋଲି କେତେକ ଐତିହାସିକ ମତ ଦିଅନ୍ତି । ଏଠାରେ ଏକ ପୁରୁଣା ମସ୍‌ଜିଦ ଓ ଡାକସେବା ପାରା ଭାଡି ବି ରହିଛି ଅତୀତର ମୂକସାକ୍ଷୀ ଭାବେ। ୧୭୫୭ରେ ଫରାସୀ,୧୭୬୭ ରେ ଇଂରେଜମାନେ ଏହାକୁ ଦଖଲ କରି ପ୍ରଶାସନିକ ଦପ୍ତର ଭାବେ ବ୍ୟବହାର କରିଥିଲେ ଓ ଗଞ୍ଜା ନଗରୀକୁ ଏକ ଯୋଜନା ମୁତାବକ ନକ୍ସା ନଗରୀ ଭାବେ ନିର୍ମାଣ କରି ଗଢି ତୋଳିଥିଲେ । ପୋତାଗଡର ଅଧିଷ୍ଠାତ୍ରୀ ଦେବୀ ମା' ଦୁର୍ଗା ଦେବୀଙ୍କୁ ବନ୍ୟାପ୍ଲାବିତ ଅପନ୍ତରା ସମୁଦ୍ର ବେଳା ଭୂମିରୁ ଉଦ୍ଧାର ପୂର୍ବକ ଦନ୍ତପୁର (ପାଲୁରଗଡ) ଗଜେନ୍ଦ୍ର ରାଜା ଗଞ୍ଜା ଦୁର୍ଗାଦେବୀ ସାହିରେ ପୁନଃ ପ୍ରତିଷ୍ଠା କରାଇଥିଲେ । ପ୍ରାଚୀନ କଳିଙ୍ଗର ତାମ୍ରଲିପ୍ତ ବନ୍ଦର ଭଳି ଦକ୍ଷିଣ ଉତ୍କଳ ଭାଗରେ ଅତୀତରେ ଦନ୍ତପୁର ପାଲୁର ବନ୍ଦର ଏକ ବୃହତ୍ ଆନ୍ତର୍ଜାତିକ ପୋତାଶ୍ରୟ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତଥ୍ୟ ରହିଛି। ଏହାଛଡ଼ା ଏହି ପୋତାଗଡ଼ ନିକଟରେ ପର୍ଯ୍ୟଟକଙ୍କ ପାଇଁ ବଟେଶ୍ୱର ମନ୍ଦିର, ଅଲେଶ୍ୱର ପୀଠ, ତଣ୍ଡାକୁଳ,ରଷିକୁଲ୍ୟା ସମୁଦ୍ର ସୁବିସ୍ତୃତ ସୁନୀଳ ଜଳରାଶି, ମୁହାଣ, ନୋଳିଆ ଡଙ୍ଗା ମାଛଧରା ଜେଟି, ମା' ଗଙ୍ଗାଦେବୀ ମନ୍ଦିର, ଅଲିଭ ରିଡ୍‌ଲେ କଇଁଛଙ୍କ ବୃହତ୍ ଅଣ୍ଡାଦାନ ସ୍ଥଳୀ ଇତ୍ୟାଦି ରହିଛି।

**– ଗବେଷକ ଅଶୋକ କୁମାର ସାହୁ**
ମୋ:୯୧୧୪୩୮୫୩୩୫
**ଫଟୋ ବିଧ୍ୟାଧର ସାହୁ**



## ହା଼ ହା଼

### ଠିଆ

ଭିକାରୀ ଜଣେ ବ୍ୟକ୍ତିଙ୍କୁ: ବାବୁ ମତେ ୧୦ ଟଙ୍କା ଦିଅନ୍ତୁ। ଦୁଇ ଦିନ ହେବ କିଛି ଖାଇନି। କ'ଣ ଟିକେ ଖାଇବି।
ବ୍ୟକ୍ତି: ଲାଜ ଲାଗୁନି ରାସ୍ତା କଡ଼ରେ ଠିଆ ହୋଇ ଭିକ ମାଗୁଛୁ ?
ଭିକାରୀ: ତା'ହେଲେ କ'ଣ ଅଫିସ୍ ଖୋଲି ଚେୟାର ପକେଇ ବସି ଭିକ ମାଗିବି ?

### ଜିମ୍

ସ୍ତ୍ରୀ ସ୍ୱାମୀଙ୍କୁ: ଜିମ୍ ଯାଅ। ଖାଇ ଖାଇ ପେଟ ବଢିଗଲାଣି।
ସ୍ୱାମୀ: ପେଟ ତ ତୁମର ବି ବଢିଗଲାଣି।
ସ୍ତ୍ରୀ: ମୁଁ ତ ମା' ହେବାକୁ ଯାଉଛି। ସେଥିପାଇଁ ପେଟ ବଡ଼ ହେଇଯାଇଛି।
ସ୍ୱାମୀ: ମୁଁ ବି ତ ବାପା ହେବାକୁ ଯାଉଛି ନା।

### କମ୍ପାନୀ


ସ୍ତ୍ରୀ ସ୍ୱାମୀଙ୍କୁ: ତମେ ସବୁବେଳେ ମୋ ବାପଘର ଲୋକଙ୍କୁ କାହିଁକି ମଝିରେ ଟାଣୁଛ ? ତାଙ୍କୁ କାହିଁକି ଯାଉ ସ୍ୟାଉ କହୁଛ ?
ସ୍ୱାମୀ: ଦେଖ ଯଦି ଟିଭି ଖରାପ ହୁଏ, କିଏ କ'ଣ ଟିଭିକୁ ଗାଳି କରେ ? ସମସ୍ତେ କମ୍ପାନୀକୁ ଗାଳି କରନ୍ତି ନା। ଠିକ୍ ସେମିତି...

### ଭାଗ୍ୟବାନ


ଯୁବତୀ ବାବାଙ୍କୁ– ବାବା ମୋର ମନୋଜ ଓ ରାକେଶ ନାମରେ ଦୁଇଜଣ ବୟଫ୍ରେଣ୍ଡ ଅଛନ୍ତି। କହିଲେ ଦେଖି, ମୋର କାହା ସହ ବାହାଘର ହେବ। କିଏ ସେହି ଭାଗ୍ୟବାନ ?
ବାବା– ତୁମ ବାହାଘର ମନୋଜ ସହ ହେବ। ଆଉ ରାକେଶ ହେବ ଭାଗ୍ୟବାନ।

# ଐତିହାସିକ ସହର

# ଓର୍ଛା









**ଐତିହାସିକ ସହର ଓର୍ଛା ମଧ୍ୟପ୍ରଦେଶର ନିୱାରି ଜିଲାରେ ଅବସ୍ଥିତ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେତିକି ମନେଲୋଭା, ସେତିକି ଆକର୍ଷଣୀୟ ଏଠାକାର ପ୍ରାଚୀନ ମନ୍ଦିର, ଦୁର୍ଗ ତଥା ମହଲଗୁଡ଼ିକର କାରୁକାର୍ଯ୍ୟ...**

ମଧ୍ୟପ୍ରଦେଶର ନିୱାରି ଜିଲା ଅନ୍ତର୍ଗତ ଏକ ଐତିହାସିକ ସହର ହେଉଛି ଓର୍ଛା। ବେତୱା ନଦୀ କୂଳରେ ଅବସ୍ଥିତ ଏହି ସହରରେ ପର୍ଯ୍ୟଟକ ବହୁ ପ୍ରାଚୀନ ମନ୍ଦିର, ଦୁର୍ଗ ତଥା ମହଲ ଆଦି ଦେଖିବାକୁ ପାଇପାରିବେ। ତା'ସହିତ ଦୂରରୁ ଉଚ୍ଚ ଉଚ୍ଚ ପାହାଡ଼ର ଅପୂର୍ବ ଶୋଭାରାଜିକୁ ମଧ୍ୟ ମନଭରି ଉପଭୋଗ କରିପାରିବେ। ଅନେକ ଐତିହାସିକ କଥା ବି ଏଠାରୁ ଜାଣିବାର ସୁଯୋଗ ଲଭି ପାରିବେ। ଖାସ୍ ଏହିସବୁ କାରଣ ଯୋଗୁ ବର୍ଷର ବିଭିନ୍ନ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଗହଳି ପରିଲକ୍ଷିତ ହୋଇଥାଏ।

## ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ଐତିହାସିକ ସହରଟିର ସ୍ଥାପନା କୁଆଡ଼େ ଷୋଡଶ ଶତାବ୍ଦୀ ସମୟରେ ବୁନ୍ଦେଲା ରାଜପୁତ ରୁଦ୍ର ପ୍ରତାପ ସିଂହଙ୍କ ଦ୍ୱାରା ହୋଇଥିଲା ; ଯିଏକି ତାଙ୍କ ଶାସନ କାଳ ଭିତରେ ଏଠାରେ ଅନେକ ମନ୍ଦିର, ଦୁର୍ଗ ତଥା ମହଲ ଆଦି ନିର୍ମାଣ କରାଇଥିଲେ। ତାଙ୍କଦ୍ୱାରା ନିର୍ମିତ ସବୁଠୁ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀଟି ହେଉଛି ଓର୍ଛା ଦୁର୍ଗ। ରୁଦ୍ର ପ୍ରତାପଙ୍କ ପରେ ଯେତେବେଳେ ରାଜା ମଧୁକର ଶାହା ଓର୍ଛାର ଶାସନଭାର ସମ୍ଭାଳିଲେ, ସେ ମଧ୍ୟ ଏଠାରେ ଅନେକ ଆକର୍ଷଣୀୟ ମନ୍ଦିର, ଦୁର୍ଗ ତଥା ମହଲମାନ ନିର୍ମାଣ କଲେ। ଏହିପରି ଭାବରେ ଓର୍ଛାରେ ବହୁ ଆକର୍ଷଣୀୟ ଐତିହାସିକ ସ୍ଥଳୀମାନ ଗଢି ଉଠିଲା।

## ଶାନ୍ତ ମନୋରମ ପରିବେଶ

ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଓର୍ଛାରେ ଅନେକ ଆକର୍ଷଣୀୟ ମନ୍ଦିର, ଦୁର୍ଗ ବ୍ୟତିତ ପାହାଡ, ଝରଣା ଓ ସବୁଜ ବନାନୀର ସୁନ୍ଦର ଦୃଶ୍ୟକୁ ବି ବେଶ୍ ମନଭରି ଉପଭୋଗ କରିହେବ। ଖାସ୍ ସେଥିପାଇଁ ଦେଶବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକାର ଶାନ୍ତ, ମନୋରମ ପରିବେଶ ଭିତରେ କିଛି ସମୟ ବିତାଇବାକୁ ପ୍ରାୟତଃ ଧାଇଁ ଆସିଥାନ୍ତି।

## କ'ଣ ଦେଖିବେ

ପର୍ଯ୍ୟଟକ ଓର୍ଛାରେ ବହୁ ଐତିହାସିକ ମହଲ, ମନ୍ଦିର ତଥା ଦୁର୍ଗମାନ ଦେଖିବାର ସୁଯୋଗ ପାଇବେ। ଯେମିତିକି: ଚର୍ତୁଭୁଜ ମନ୍ଦିର, ଜାହାଙ୍ଗୀର ମହଲ, ରାଜା ମହଲ, ଲକ୍ଷ୍ମୀ ମନ୍ଦିର, ରାମ ରାଜା ମନ୍ଦିର, ରୟାଲ୍ ଚାଟ୍ରିସ୍, ପୁରୁଣା ମନ୍ଦିର, ଓର୍ଛା ଦୁର୍ଗ, ବଡ଼ ବିମାନ, ହାର୍‌ଦୌଲା କି ବୈଠକ ମେମୋରିଆଲ୍ ଇତ୍ୟାଦି ପ୍ରମୁଖ। ଏସବୁ ବ୍ୟତିତ ଏଠାରୁ ଦୂରରେ ଥିବା ବହୁ ଉଚ୍ଚ ଉଚ୍ଚ ପାହାଡର ମନୋରମ ଦୃଶ୍ୟକୁ ଉପଭୋଗ କରିବା ବି ବେଶ୍ ଆକର୍ଷକ ଲାଗିଥାଏ। କେବଳ ସେତିକି ନୁହେଁ, ଓର୍ଛାର ନିକଟବର୍ତ୍ତୀ ଅଞ୍ଚଳରେ ବହୁ ଛୋଟ ଛୋଟ ଗାଁ ଥିବାର ବି ଦେଖାଯାଏ। ପର୍ଯ୍ୟଟକ ଚାହିଁଲେ ସେହି ଗାଁ ଗୁଡ଼ିକୁ ବୁଲିଯାଇ ସେଠାକାର ଚାଲିଚଲଣ, ପ୍ରଥା, ପରମ୍ପରା ବିଷୟରେ ବହୁ ଅଜଣା କଥା ଜାଣିବାର ସୁଯୋଗ ପାଇପାରିବେ। ଏହାଛଡ଼ା, ବେତୱା ନଦୀର ଅପୂର୍ବ ଦୃଶ୍ୟକୁ ବି ଉପଭୋଗ କରିବା ଏଠାରେ ବେଶ୍ ନିଆରା ଲାଗେ।

## ଓର୍ଛାର ଅର୍ଥନୀତି

ଓର୍ଛାର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭର କରିଥାଏ। ଯେହେତୁ ଏହା ଏକ ଐତିହାସିକ ସ୍ଥାନ, ତେଣୁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କର ଗହଳି ଲାଗି ରହିଥାଏ। ଯେଉଁଥିରୁ ସ୍ଥାନୀୟ ଲୋକଙ୍କର ଭଲ ଦୁଇ ପଇସା ରୋଜଗାର ହୋଇଥାଏ। ଏହାଛଡ଼ା ସ୍ଥାନୀୟ ବାସିନ୍ଦା ଚାଷବାସ ଏବଂ ହସ୍ତକଳା ଉପରେ ବି ନିର୍ଭର କରି ଚଳିଥାନ୍ତି। କେବଳ ସେତିକି ନୁହେଁ, ଏଠାରେ ଅନେକ ଛୋଟବଡ଼ ହ୍ୟାଣ୍ଡମେଡ୍ ପେପର୍ ଇଣ୍ଡଷ୍ଟ୍ରୀ ବି ରହିଛି ; ଯାହାକୁ ପର୍ଯ୍ୟଟକ ଚାହିଁଲେ ବୁଲି ଦେଖି ମଧ୍ୟ ପାରିବେ।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ବି, ବିଭିନ୍ନ ପର୍ବପର୍ବାଣୀ ସମୟରେ ତଥା ପିକ୍‌ନିକ୍ ସିଜନ୍‌ରେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବୁଲି ଆସିଥାନ୍ତି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ବସ୍ ହେଉ କି ଟ୍ରେନ୍ ଅଥବା ପ୍ଲେନ୍, ପର୍ଯ୍ୟଟକ ଯେଉଁଥିରେ ଚାହିଁବେ ସେଥିରେ ଆରାମରେ ଏଠାକୁ ବୁଲି ଯାଇପାରିବେ।





# ସବୁଠାରୁ ବୟସ୍କା ମହିଳା ନାପିତ

**ଜା**ପାନର ୧୦୮ ବର୍ଷୀୟ ଶିସୁଇ ହାକୋଇଶିଙ୍କ ପାଇଁ ବୟସ କେବଳ ଏକ ସଂଖ୍ୟା । ଏ ବୟସରେ ବି ସେ ଖୁବ୍ ଚଳଚଞ୍ଚଳ । ଆଉ ପୃଥିବୀର ସବୁଠାରୁ ବୟସ୍କା ନାପିତ ଭାବରେ ସେ ଗିନିଜ ୱାର୍ଲ୍ଡ ରେକର୍ଡସ ସ୍ଥାନ ପାଇଛନ୍ତି । ନାପିତ ବା ବାରିକ କାମ ସେ ଦୀର୍ଘ ୯୪ ବର୍ଷ ଧରି କରିଆସୁଛନ୍ତି । ଏବେ ବି ସେ କଇଁଚି ଉଠାଇ ଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଛନ୍ତି । ତାଙ୍କର ଏହି ଯାତ୍ରା ୧୯୩୧ ମସିହାରେ ଆରମ୍ଭ କରିଥିଲେ । ୨୦ ବର୍ଷ ବୟସ ସୁଦ୍ଧା, ସେ ତାଙ୍କର ନାପିତ ଲାଇସେନ୍ସ ହାସଲ କରିଥିଲେ । ହାକୋଇଶିଙ୍କ ଜୀବନ ଚ୍ୟାଲେଞ୍ଜଭରା ଥିଲା । ଅନେକ ଉତ୍ଥାନ ପତନ ଦେଇ ସେ ଗତି କରିଥିଲେ । ପ୍ରଥମେ ୧୯୩୯ ମସିହାରେ, ସେ ଏବଂ ତାଙ୍କ ସ୍ୱାମୀ ଟୋକିଓରେ ନିଜର ନାପିତ ଦୋକାନ ଖୋଲିଥିଲେ, କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏକ ଦୁଃଖଦ ଘଟଣା ଘଟିଥିଲା । ସେ ତାଙ୍କ ସ୍ୱାମୀଙ୍କୁ ହରାଇଲେ । ହେଲେ ହାର ମାନିବା ପରିବର୍ତ୍ତେ, ସେ ତାଙ୍କର





ଜୀବନକୁ ପୁନର୍ବାର ତିଆରି କଲେ, ୧୯୫୩ ମସିହାରେ ଆଉ ଏକ ନାପିତ ଦୋକାନ ଖୋଲିବା ପାଇଁ ନାକାଗାୱାକୁ ଫେରିଗଲେ । ଏବଂ ଆଜି ପର୍ଯ୍ୟନ୍ତ, ସେ ଗ୍ରାହକଙ୍କୁ ସେବା ପ୍ରଦାନ କରିଆସୁଛନ୍ତି । ହାକୋଇଶି କୁହନ୍ତି, ''ମୋର କାମ ବନ୍ଦ କରିବାର କୌଣସି ଯୋଜନା ନାହିଁ,'' ।

୨୦୨୦ ମସିହାରେ, ହାକୋଇଶୀ ଟୋକିଓ ଅଲିମ୍ପିକ୍ସ ପାଇଁ ଜଣେ ମଶାଲବାହକ ମଧ୍ୟ ଥିଲେ । ଏଥିପାଇଁ ସେ ଆଗୁଆ ପ୍ରସ୍ତୁତ ହେବା ଲାଗି ଅଲିମ୍ପିକ ମଶାଲର ଓଜନ ସହିତ ସମାନ ଓଜନର ପୋଲ୍ ଧରି ପ୍ରତିଦିନ ୧୦୦୦ ପାହାଚ ଚାଲି ତାଲିମ ନେଇଥିଲେ । ୧୦୮ ବର୍ଷ ବୟସରେ, ଶିସୁଇ ହାକୋଇଶି କେବଳ ଜଣେ ନାପିତ ନୁହନ୍ତି – ସେ ଏକ ପ୍ରେରଣା । ଦୃଢ଼ତା, ଆଗ୍ରହ ଏବଂ ଉଦ୍ଦେଶ୍ୟର ଏକ ଜୀବନ୍ତ ପ୍ରମାଣ, ସେ ପ୍ରମାଣ କରନ୍ତି ଯେ ଯେତେବେଳେ ଆପଣ ନିଜ କାମକୁ ଭଲ ପାଆନ୍ତି, ସେତେବେଳେ ଆପଣ କେବେବି ପ୍ରକୃତରେ କାମ କରିବା ବନ୍ଦ କରନ୍ତି ନାହିଁ ।



# ଷ୍ଟେଥୋସ୍କୋପ୍‌ର ଇତିହାସ

ଡାକ୍ତରଙ୍କର ପ୍ରଥମ ସାଥୀ ହେଉଛି ଷ୍ଟେଥୋସ୍କୋପ୍। ଯାହାକି ତାଙ୍କ ସହ ସବୁବେଳେ ସବୁ ସମୟରେ ରହିଥାଏ। ତା' ସାହାଯ୍ୟରେ ସେମାନେ ଅନେକ ରୋଗ ଚିହ୍ନଟ କରିପାରନ୍ତି। ତେବେ ଜାଣନ୍ତି କି ଡାକ୍ତରଙ୍କ ଗଳାରେ ଝୁଲି ରହୁଥିବା ଏହି ଷ୍ଟେଥୋସ୍କୋପ୍‌ର ଉଦ୍ଭାବନ କେବେ ଓ କିଏ କରିଥିଲେ? ଏହାର ଉଦ୍ଭାବନ ପଛରେ ଅଛି ଏକ ବେଶ୍ ମଜାଦାର କଥା। ଜାଣନ୍ତୁ ସେ ସମ୍ପର୍କରେ...





**ଷ୍ଟେ**ଥୋସ୍କୋପ ଉଦ୍ଭାବନ ପୂର୍ବରୁ ଚିକିତ୍ସକମାନେ ରୋଗୀଙ୍କ ଛାତି ଉପରେ ସିଧାସଳଖ କାନ ରଖି ଶରୀରର ଆଭ୍ୟନ୍ତରୀଣ ଶବ୍ଦ ତଥା ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌ର ଶବ୍ଦ ଶୁଣୁଥିଲେ । ଏହି ଉପାୟରେ ଚିକିତ୍ସା କରିବାବେଳେ ଚିକିତ୍ସକମାନେ ଅନେକ ସମୟରେ ଅସହଜ ମନେକରୁଥିଲେ । ଖାସ୍ କରି ମହିଳା ରୋଗୀଙ୍କ କ୍ଷେତ୍ରରେ ଅଧିକ ଅସହଜ ମନେକରୁଥିଲେ । ଥରେ ସେମିତି ଫରାସୀ ଚିକିତ୍ସକ ରେନେ ଲାନେକ ଜଣେ ସ୍ଥୂଳକାୟ ମହିଳା ରୋଗୀଙ୍କୁ ପରୀକ୍ଷା କରୁଥାଆନ୍ତି । ହେଲେ ସେ ତାଙ୍କ ଛାତିରେ ସିଧାସଳଖ କାନ ରଖିବାକୁ ଅସହଜ ମନେକଲେ । ତେଣୁ ଭାବିଲେ ଏମିତି କିଛି ଉପାୟ ବାହାର କରିବେ ଯଦ୍ୱାରା ରୋଗୀଙ୍କ ଛାତିରେ ସିଧାସଳଖ କାନ ନ ରଖି କିଛି ଦୂରତାରୁ ବି ଶରୀରର ଆଭ୍ୟନ୍ତରୀଣ ଶବ୍ଦ ଶୁଣିପାରିବେ । ଥରେ ସେ ଦେଖିଲେ ଶବ୍ଦ ବୃଦ୍ଧି କରିବା ପାଇଁ ଏକ ଫମ୍ପା ଟ୍ୟୁବ ସହିତ ପିଲାମାନେ ଖେଳୁଥିଲେ । ଏଇଥିରୁ ପ୍ରେରଣା ପାଇ ୧୮୧୬ ମସିହାରେ ଚିକିତ୍ସକ ରେନେ ଲାନେକ ଶବ୍ଦ ବୃଦ୍ଧି କରିବା ପାଇଁ ଗୁଡ଼ାଯାଇଥିବା କାଗଜ ଟ୍ୟୁବ ବ୍ୟବହାର କରିଥିଲେ ହୃଦୟ ଏବଂ ଫୁସ୍‌ଫୁସ୍‌ର ଶବ୍ଦକୁ ବୃଦ୍ଧି କରି ଶୁଣିବା ପାଇଁ । ସେ ଦେଖିଲେ ଏହି ସାଧାରଣ ଜିନିଷ ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ଶବ୍ଦ ବୃଦ୍ଧି ହୋଇ ତାଙ୍କ କାନକୁ ସ୍ପଷ୍ଟ ଶୁଭିଲା । ଏହି ସାଧାରଣ ଯନ୍ତ୍ରଟି ହିଁ ଷ୍ଟେଥୋସ୍କୋପର ପ୍ରାରମ୍ଭିକ ପର୍ଯ୍ୟାୟ ଥିଲା । ସେ ଏହାପରେ କାଠର ପାଇପ୍ ବ୍ୟବହାର କଲେ । ପରେ କୋନ୍ ବା ଫନେଲ ଆକୃତିର କାଠକୁ ଷ୍ଟେଥୋସ୍କୋପ୍‌ଭାବେ ବ୍ୟବହାର କଲେ, ଯେଉଁଥିରେ କାଠ ଅବା ଶିଙ୍ଗର ଇୟର ପିସ୍ ରହୁଥିଲା । ଏହି ଷ୍ଟେଥେସ୍କୋପ୍‌ଗୁଡିକ ମୋନୋରାଲ ଥିଲା । ଅର୍ଥାତ୍ ଗୋଟିଏ ଇୟରପିସ୍ ରହୁଥିଲା ଶୁଣିବା ପାଇଁ । ସେ ତାଙ୍କର ଏହି ଉଦ୍ଭାବନକୁ 'ଷ୍ଟେଥୋସ୍କୋପ' ନାମ ଦେଇଥିଲେ, ଯାହାକି ଗ୍ରୀକ ଶବ୍ଦ ''ଷ୍ଟେଥୋସ'' (ଛାତି) ଏବଂ ''ସ୍କୋପିନ'' (ପରୀକ୍ଷା କରିବା) ରୁ ଉଦ୍ଧୃତ ହୋଇଛି । ଲାନେକଙ୍କର ଏହି ଉଦ୍ଭାବନ ଚିକିତ୍ସାକ୍ଷେତ୍ରରେ ବିପ୍ଳବ ଆଣିଥିଲା, ଯାହାକି ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗର ଅବସ୍ଥାର ଅଧିକ ଠିକ୍ ନିର୍ଣ୍ଣୟ କରିପାରୁଥିଲା ।



୧୮୫୦ ମସିହାରେ ଆୟର୍ଲାଣ୍ଡର ଚିକିତ୍ସକ ଆର୍ଥର ଲିୟର୍ଡ ବାଇନାରାଲ ଷ୍ଟେଥେସ୍କୋପ୍ ତିଆରି କରିଥିଲେ, ଯାହାର ଦୁଇଟି ଇୟରପିସ୍ ଥିଲା । ଆଉ ଏହି ଇୟରପିସ୍ ଏକ ଶକ୍ତ ମେଟାଲ ଟ୍ୟୁବ୍ ସହ ସଂଯୁକ୍ତ ହୋଇଥିଲା ।୧୯୬୦ ମସିହା ବେଳକୁ ଡା. ଡେଭିଡ ଲିଟମାନ୍ ଯେକି ଜଣେ ହୃଦରୋଗ ବିଶେଷଜ୍ଞ, ସେ ଏକ ଅପେକ୍ଷାକୃତ ହାଲୁକା ଓ ଅଧିକ ସ୍ପଷ୍ଟ ଶୁଭୁଥିବା ଷ୍ଟେଥୋସ୍କୋପ ତିଆରି କରିଥିଲେ, ଯାହାକି ବାଇନାରାଲ ଥିଲା । ଆଉ ଏବେ ବି ସେହି ଡିଜାଇନ୍‌ର ଷ୍ଟେଥେସ୍କୋପ ଡାକ୍ତର ବ୍ୟବହାର କରୁଛନ୍ତି । ପରେ ସମୟ ବଦଳିବା ସହିତ ଷ୍ଟେଥୋସ୍କୋପ ବିକଶିତ ହୋଇଛି, ଆଧୁନିକ ସଂସ୍କରଣଗୁଡ଼ିକରେ ସ୍ପଷ୍ଟ ଶବ୍ଦ ପ୍ରସାରଣ ପାଇଁ ଡୁଆଲ–ଲୁମେନ ଟ୍ୟାବିଂ ଏବଂ ଡିଜିଟାଲ ଆମ୍ପ୍ଲିଫିକେଶନ ଏବଂ ଶବ୍ଦ ବାତିଲକରଣ ଭଳି ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ ହେଉଛି ।

# ଭାଇରାଲ୍ ନିଶା



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

**ସ**କାଳୁ ସକାଳୁ ସହରରେ ରହୁଥିବା ସାନପୁଅ ନାରାୟଣ, ପ୍ରାୟ ଦେଢ଼ ବରଷ ପରେ ଗାଁରେ ଥିବା ବାପାଙ୍କୁ ଦେଖାକରିବାକୁ ଆସି ଦାଣ୍ଡଦୁଆରେ ଡାକ ପକେଇଲା..ବାପା ବାପା... ! ଟିକେ ନାଟକୀୟତା ବୋଲି କହିଲା, ହ୍ୟାଲୋ ଫାଦର ! ମାଇଁ ଡିୟର ଡ୍ୟାଡ ! ନମସ୍କାର ! ବାପା, ପୁଅକୁ ଦେଖି କହିଲେ, କିରେ ନାରଣ ! ଏତେ ସମ୍ବୋଧନର କି କାରଣ ? କାହିଁ ଆସିଲୁ ଆଗୁଆ ନ ଜଣେଇ ? ଆଉ ମୋ ବୋହୂ, ନାତି ଗଲେ କାହିଁ ? ପୁଅ କହିଲା, ସେମାନେ ଆସି ନାହାନ୍ତି । କାଲି ଭାରି ବିଜି ଥିଲେ । ଲେଟ୍ ନାଇଟ୍‌ରେ ଶୋଇଥିଲେ । ଉଠେଇବାକୁ ମନ କଲିନି, ସେଇଥିପାଇଁ ଏକା ସାଙ୍ଗ ସହ ସକାଳୁ ପଳେଇ ଆସିଲି । ଏତେ କି ବିଜି କିରେ ? ଟିକେ ଆସିପାରିଲେ ନାହିଁ ? ବାପା ବ୍ୟସ୍ତ ହୋଇ ପଚାରିଲେ । ପୁଅ କହିଲା, ଆମ 'ଟମି'ର ପରା ବାର୍ଥ ଡେ ପାର୍ଟି ଥିଲା । ବହୁତ ସାଙ୍ଗ–ସାଥୀଙ୍କୁ ଧରି ପୂରା ଚାଳିଶି ହଜାର ଖର୍ଚ୍ଚ କରି ଜମାଣିଆ ପାର୍ଟିଟେ ହେଲା ମ ବାପା । ସମସ୍ତେ ଖୁସ ।
ବାପାଙ୍କ ଅକଲ ଗୁଡୁମ । କହିଲେ ,''ହୈରେ ନାରଣ ! ତୁ ବରଷେ ଉପରେ ହେଲା ତ ଆସିନୁ । ୟା' ଭିତରେ ବୋହୂର ଆଉ ଗୋଟେ ପୁଅ ଜନମ ହେଇ, ତା ନାଁ ଟମି ଦେଇ, ବାର୍ଥ ଡେ ପାଳନ କଲଣି, ଅଥଚ ମତେ ଟିକେ କେମିତି ଜଣେଇଲନି !

ସେଇଠୁ ସାଙ୍ଗଟି କହିଲା, ଟମି ! ପୁଅ ନୁହଁ ପେଟ୍ । ମାନେ ପେଟ୍–ଡଗ୍ । ସେ ପୁଅ ନ ହେଲେ ବି ମ୍ୟାଡମଙ୍କ ପୁଅଠାରୁ ବଳି ।
– ତମେ କୁକୁର ଜନମ ଦିନ ପାଳି ଚାଳିଶି ହଜାର ଖରଚ କଲ ? ଆଖି ଖୋସି ହୋଇଯାଉଥିଲା ବାପାଙ୍କର । ପୁଅ କହିଲା, ହେଃ ବାପା ! ତମେ ଟମିକି କୁକୁର କହିଲେ, ତମ ବୋହୂ ହବ ଖପା । ଛଡେଇଦବ ତମ ଚୋପା ! ବୁଝିଲ ? ତମ ନାତି ଟୁନାକୁ ସେ ସିନା ଚଲେଇ ଚଲେଇ ନିଏ, ହେଲେ ଟମି କି ନିଇତି କାଖରେ କାଖେଇ ବୁଲୁଥାଏ । ଭାରି ପ୍ରିୟ ସିଏ ତା'ର । ଆଉ କୁକୁରକୁ କୁକୁର କହିବନି.. କହିଦଉଛି, ହଁ..। ବାପା କହିଲେ, ନା, ଆଉ କେବେ କୁକୁରକୁ କୁକୁର କହିବାର ଭୁଲ୍ କରିବିନି । ହେଲା ଯେ, ତମେ ଏ ସକାଳୁ ଆସିଛ କ'ଣ ପାଇଁ ? ଖବର ଦେଲେ କି ଫୋନ କଲେ, କାମରେ ବିଜି ବୋଲି କହି, ଯିବି ଯିବି କୁହ ସିନା, ବରଷକୁ ଥରେ ଆସନାହିଁ । ଆଜି କିଆଁ ଆସିଛ ଧାଇଁ ବୋହୂ ଓ ନାତିକୁ ନ ଆଣି, ଶୁଣେ !
ସାଙ୍ଗ କହିଲା, ମଉସା ! ତେମେ କ'ଣ ଜାଣିନ–ଆଜି କି ଦିନ ? ହଉ, ଏଥର ଟିକେ ଲୁଗାପଟା ଓହ୍ଲାଅ !
– ଓହ୍ଲାଅ ? ଆରେ ଏମିତି କ'ଣ କହୁଛ ? ?
–– ଡ୍ୟାଡ୍ ! ଆଜି ତମେ ନୂଆ ଡ୍ରେସ, ନୂଆ ବ୍ଲେଜର, ସନ ଗ୍ଲାସ, ସୁନା ଚେନ ମୁଦି.. ଏମିତି କେତେ କ'ଣ ପିନ୍ଧିବ । ଫ୍ରୁଟ୍ସ, ସୁଇଟ୍ସ କେତେ କ'ଣ ଖାଇବ ।

ବାପା କହିଲେ, ଆରେ, ଏ ସବୁ କୋଉ ଖୁସିରେ ? କ'ଣ ତୋ ଟମି–ଡଗ୍‌ର ଜନ୍ମଦିନ ପାଳନ ବାସି ଭୋଜି,..ଖୁସିରେ ?
– ନୋ ଡ୍ୟାଡ୍ । ଆଜି ଇଣ୍ଟରନ୍ୟାଶନାଲ ଫାଦର୍ସ ଡେ । ମାନେ ବିଶ୍ୱ ପିତୃଦିବସ । ବାପା କହିଲେ, ଏଁ... ! ଏମିତି କ'ଣ ଗୋଟେ ପରବ ଅଛି ? ହଉ । ତେବେ ଟିକେ ରହ । ମୁଁ ତୋ ବୋଉକୁ ଡାକି ଆଣୁଛି । ମିଶିକି ପାଳିବା । ପୁଅ କହିଲା, ନାଇଁ ବାପା, ନାଇଁ । ବୋଉ ତ ଏବେ ବଡ଼ଭାଇ ଭାଗରେ ତା' ଘରେ ଅଛି, ମୋ' ପାଳିରେ ନାହିଁ । ତାକୁ ଡାକିବ କାହିଁକି ? ହାପି ମଦର୍ସ ଡେ'ରେ ସେ ମୋ ଭାଗରେ ଆସିଲେ ସେଲିବ୍ରେସନ ହେବ । ଏଁ.., ମଦ ରସରେ ? ସେଇଆକୁ ହା.. ପିଇ କହୁଛ କିରେ ? ପୁଅ – ଓହୋ, ତମ ପାଇଁ ଯେମିତି ଫାଦର୍ସ ଡେ , ସେମିତି ମାତୃ ଦିବସ । ଏବେ ତମେ ସୁନା ଚେନ୍ ଓ ଡ୍ରେସ୍ ପିନ୍ଧ ।

ପିନ୍ଧିଲାବେଳେ ବାପା କହିଲେ, ଆରେ ପୁଅ ! ଏତେ ଟଙ୍କା ଖରଚା କରି ଏଗୁରା– କିଣିଲୁ କିଆଁ ? ସେଇଠୁ ତା' ସାଙ୍ଗ କହିଲା, ମଉସା ! ତମ ଖୁସିଠାରୁ ବଡ଼ କ'ଣ ପଇସା ? ପିନ୍ଧ । ପୁଅ ତମର କେଡେ ଖୁସିରେ ତମ ପାଇଁ ଆଣିଛନ୍ତି ପରା । ଡ୍ରେସ୍ ପିନ୍ଧି ସାରିବା ପରେ ପୁଅ ବ୍ୟାଗ୍‌ରୁ ମିଠା କାଢି ବାପାଙ୍କୁ ଖୁଆଇ 'ହାପି ଫାଦର୍ସ ଡେ ଟୁ ୟୁ.. ବାପା' ବୋଲି ତିନିଥର କହି ସାରି ସାଙ୍ଗମାନଙ୍କୁ କହିଲେ, ଏବେ ଫଟୋ ଉଠାଅ । ଆଉ ଜଣେ ଭିଡିଓ କର । ସରିଗଲା ପରେ.. ହଉ, ଏଥର ତମେ ଯାଇ ଗାଡ଼ିରେ ବସ । ମୁଁ ଡ୍ୟାଡିଙ୍କ ସହ ଟିକେ କଥା ହୋଇଯାଉଛି । ସାଙ୍ଗମାନେ ବାହାରେ ଗାଡ଼ିରେ ଯାଇ ବସିଲା ପରେ , ବଡ଼ପୁଅ ହଠାତ ଆସି ପଚାରିଲେ, କିରେ ସାନ ! ତୁ କେତେବେଳେ ? ସାନ ପୁଅ କହିଲା, ତମେ ଦେଖିଲ ଯେତେବେଳେ । ହଉ ଭାଇ, ଆସିଛ ଯେବେ ପ୍ରଣାମ ନିଅ, ଏଇଠୁ, ମାନେ ମୋ ଘରୁ ଯାଅ । – କିରେ ତୁ ଏମିତି କ'ଣ କହୁଛୁ ? ମୁଁ ତୋ ବଡ଼ ଭାଇ । ତୋ'ର ଆସିବା ଦେଖି ଟିକେ ଦେଖିବାକୁ ଆସିଲି । ମତେ ତଡୁଛୁ କ'ଣ ପାଇଁ ? ମୁଁ ଯିବିନି । ମୋର ବାପାଙ୍କ ପାଖରେ କାମ ଅଛି । ସାନ କହିଲା, ତମର କି କାମ ଶୁଣେ ? ବଡ଼ କହିଲା,–ମୁଁ ପିତୃଦିବସ ପାଳନ କରିବାକୁ ଆସିଛି । ତୋର ସରିଲା, ତୁ ଏଥର ଯାଆ । ମୋର ପାଳନ ହେବ । ସାନପୁଅ କହିଲା,ହବନି । ଭାଇ ! ତମେ କ'ଣ ପାଗଳ ? ବାପା ପରା ଏବେ ମୋ' ଭାଗରେ । ତୋ' ଭାଗରେ ବୋଉ । ତମର ଯେବେ ଏତେ ମନ, ବୋଉକୁ ବାପା ବେଶ କରି ଫଟୋ ଉଠେଇକି ଛାଡ଼ ! କିଏ ମନାକଲା ? ତମ ଭାଗରେ ବୋଉ ଏବେ ଅଛି ନା ! ଭାଇ, ତମେ ମୋ ଘରୁ ଗଲ ।
– ହଇରେ ତୁ ସାନ ! ଏମିତି ମତେ ଦେଉଛୁ ଅପମାନ ? ହଉ, ଏକା ମାଘରେ କ'ଣ ଶୀତ ଯାଏ ? ଦେଖିବା, ବୋଉ ଦିବସ ଆସୁ ।
––ହଁ ହଁ ଆସୁ । ଆରେ ମୁଁ ହିସାବ ରଖିଛି । ସେତେବେଳେ ବାପା ତୋ' ଭାଗରେ, ବୋଉ ମୋ' ଭାଗରେ ପରା ପଡ଼ିବ ।
– ହଉ, ମୁଁ ଯାଉଛି । ଏ ଅପମାନ ମନେ ରହିଲା ।
ବାପା କହିଲେ, –ହଇରେ, ନାରଣ ! ତୋ ବୋଉ ବିନା, ଖୁସି ଲାଗିଲାନି ମନ । ସାନପୁଅ କହିଲା, ହଉ, ଆଉ ବେଶି ଖୁସି ହୁଅନି । ସବୁ ଓହ୍ଲାଅ । ବାପା କହିଲେ ଆରେ କ'ଣ ? – ଆହେ ଯାହା ପିନ୍ଧିଛ । ଫଟୋ, ଭିଡିଓ ସରିଲା ପରା । ଏବେ ସବୁ ପୋଷାକ, ସୁନା ଦିଅ ମତେ ।




ଡେରି ହେଲାଣି, ମୁଁ ଯିବି ।...କିରେ ! ଏବେ ଏଇ ଉପହାର ଦେଲୁ । ପିନ୍ଧିଲି । ଏତେ ବେଗି ଉତାରିବି କିଆଁ ? ତୁ ଯେବେ ଯିବୁ ଯାଆ । ତୋ ବୋଉକୁ ଦେଖେଇ ମୋ ମନ ବୁଝିଗଲେ ସବୁ ସାଇତି ରଖିଦେବି । ବାପା ତମେ ବୁଝୁନ । ଏଗୁଡା ନେଲେ ସିନା ଯିବି । ଏ ସବୁପରା ମୁଁ ସହରରୁ ଆଠ ଘଣ୍ଟା ପାଇଁ ହଜାରେ ଟଙ୍କା ଭଡ଼ାଦେଇ ଆଣିଛି । ସନ୍ଧ୍ୟାସୁଦ୍ଧା ନ ଫେରେଇଲେ, ଡବଲ ମାନେ ଦୁଇ ହଜାରେ ଟଙ୍କା ଭଡ଼ା ଦେବି ନା କ'ଣ ? ପୁଅ ନିଜ ହାତରେ ବାପାଙ୍କ ବେକରୁ ଚେନ୍ କାଢ଼ି ନେଇ ଜ୍ୟାକେଟ୍ କାଢ଼ିଦେଲା । ଫଳ, ମିଠା ସବୁ ନେଇ ବ୍ୟାଗରେ ରଖିଦେଲା । ଏତିକି ବେଳେ ବାପା କହିଲେ, ଆରେ ମିଠା ପୁଡ଼ିଆ ଥାଉ । ଖାଇବୁ ଅନ୍ତତଃ ମୁଁ ଓ ତୋ' ବୋଉ । ପୁଅ କହିଲା, ତମର ପଖାଳଖିଆ ପେଟ । ମିଠା ପୋଡ଼ ଖାଇ, ଝାଡ଼ାବାନ୍ତି ହେଇ କ'ଣ ଘରେ ଲଗେଇବ ନାଟ ? ଦିଅ କହି ଛଡ଼େଇ ନେଇ ବ୍ୟାଗରେ ରଖିଲା । ବାପା କହିଲେ, ହଇରେ ନାରଣ ! ଏସବୁ କ'ଣ ପ୍ରହସନ ?
– ନା । ଭାଇରାଲ୍ । ତମେ ଭାଇରାଲ୍ ହେବ । ମୁଁ ବେଷ୍ଟ ସନ୍ ବୋଲି ପ୍ରମାଣ ଦେବି । ସବୁ ଫଟୋ, ଭିଡିଓ, ଇନ୍‌ଷ୍ଟାଗ୍ରାମ୍, ଫେସବୁକ୍ ଆଦି ସୋସିଆଲ ମିଡ଼ିଆରେ ପୋଷ୍ଟ କରିବି ।
ବାପା ତାଳିମାରି କହିଲେ, ବାଃ.. ବାଃ, ବାଃ ରେ ପୁଅ ବାଃ । ତୋ' କୁକୁର ବାର୍ଥ ଡେ ପାଇଁ ଖର୍ଚ୍ଚ ଚାଳିଶି ହଜାରେ , ଆଉ ବୋପା ଦିବସ ପାଳନ ପାଇଁ..ଟଙ୍କା ହଜାରେ ? ତାହା ପୁଣି ଭଡ଼ାରେ ? ହଇରେ ପୁଅ ! ଏତେ ଜିନିଷ ଭଡ଼ାରେ ଯେବେ ମିଳିଲା ସହରରେ, ଗୋଟେ ବୋପା ମିଳିଲାନି କିରେ.... ଭଡ଼ାରେ ? କିଆଁ ଆସୁଥିଲୁ ଏତେ କଷ୍ଟକରି, ସମୟ ନଷ୍ଟକରି ?

*–ମଙ୍ଗରାଜପୁର, ପୁରୀ*
*ମୋ: ୭୦୦୮୧୮୮୪୭*

## ପୁସ୍ତକ ସମୀକ୍ଷା

### ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ଓ କ୍ଷେତ୍ରରାଜ ଶ୍ରୀଜଗନ୍ନାଥ

**ସୁବାସ ଚନ୍ଦ୍ର ପରିଡା, ପ୍ରକାଶକ–ଲିପିକା ନିଜିଗଡକୁରୁଖି, ହରିରାଜପୁର, ଜଟଣୀ**
**ମୂଲ୍ୟ– ୧୨୦ଟଙ୍କା ।**




**ପୁ**ସ୍ତକରେ ୧୭ଟି ବିଷୟରେ ଆଲୋଚନା କରାଯାଇଛି । ଏଥିରେ ପୁରୁଷୋତ୍ତମ କ୍ଷେତ୍ର ଓ କ୍ଷେତ୍ରରାଜ ଶ୍ରୀଜଗନ୍ନାଥଙ୍କ ଠାରୁ ଆରମ୍ଭ କରି ଦାରୁବ୍ରହ୍ମ ସମ୍ବନ୍ଧୀୟ ବେଶ ସମୂହ ବିଷୟରେ ଆଲୋଚନା କରାଯାଇଛି । ପୁସ୍ତକରେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରର ମହାତ୍ମ୍ୟ, କ୍ଷେତ୍ରରାଜ, ମହାପ୍ରସାଦର ତତ୍ତ୍ୱ ଓ ମହାତ୍ମ୍ୟ, ଭକ୍ତ କରମାଙ୍କ ଭକ୍ତିପୂତ ସମର୍ପଣ, ପିପିଲି ରଘୁ ଦାସ, ବାଲିଗାଁ ଦାସିଆ ଓ ସବ୍‌ନମ୍ କଥା ଆଦିରେ ଅନନ୍ୟ ପ୍ରେମ ଭକ୍ତିର ଦୃଢତା ପରିପ୍ରକାଶ ହୋଇଛି । ମର୍ତ୍ତ୍ୟରେ ଦାରୁବ୍ରହ୍ମଙ୍କ ମାନବୀୟ ଲୀଳା ସମୂହ, ସର୍ବୋପରି ଶ୍ରୀମନ୍ଦିର ପ୍ରବେଶପଥ ବାଇଶି ପାହାଚରେ ଥିବା ପ୍ରତ୍ୟେକ ପାହାଚର ମହାତ୍ମ୍ୟ ଖୁବ୍ ସୁନ୍ଦରଭାବେ ବର୍ଣ୍ଣନା କରାଯାଇଛି । ମହାପ୍ରଭୁଙ୍କ ସଂସ୍ପର୍ଶରେ ଆସିଲେ ଦାରୁ ପାଲଟେ ଦେବତା, ଧୂଳି ହୁଏ ଚନ୍ଦନ, ଜୀବ ପାଏ ଜୀବନ, ମୃତପାଏ ଅମରତ୍ୱ । ପୁସ୍ତକରେ ଦିଆଯାଇଥିବା ଶ୍ଳୋକଗୁଡିକ ଖୁବ୍ ଉଚ୍ଚକୋଟିର । ପୁସ୍ତକରେ ବର୍ଣ୍ଣିତ ବିଷୟ ଖୁବ୍ ସୁନ୍ଦର ଓ ସୁଖପାଠ୍ୟ ।

### ଷୋଡ଼ଶୀ

**ପ୍ରଫେସର ଶିବ ଚରଣ ନାୟକ, ପ୍ରକାଶକ– ପକ୍ଷୀଘର ପ୍ରକାଶନୀ ମଧୁସୂଦନ ନଗର, ଭୁବନେଶ୍ୱର–୧, ମୂଲ୍ୟ– ୨୫୫**




**ପୁ**ସ୍ତକରେ ଷୋଳଟି ଅଧ୍ୟାୟ ରହିଛି । ପ୍ରଥମ ଅଧ୍ୟାୟରେ ଜଗନ୍ନାଥଙ୍କୁ ପ୍ରାର୍ଥନାଠାରୁ ଆରମ୍ଭ କରି ଶେଷ ବା ଷୋଡ଼ଶ ଅଧ୍ୟାୟରେ ସେନାଧ୍ୟକ୍ଷରେ ଶେଷ ହୋଇଛି । ପ୍ରଥମ ଅଧ୍ୟାୟରେ ଲେଖକ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ବିଶ୍ୱ ପରିବେଶ ଭଲ ହେଉ । ବିଶ୍ୱ ପରିବେଶକୁ ସୁରକ୍ଷା ଦେବା ପାଇଁ ଭାରତର ସହଯୋଗ ରହିଛି । ମେଧା ପାଟେକର ନର୍ମଦା ବଞ୍ଚାଓ ଆନ୍ଦୋଳନରେ ସାମିଲ ହୋଇ ଅନେକ କଷ୍ଟ ସହିଛନ୍ତି । ସେହିପରି ବାୟୁ ପ୍ରଦୁଷଣ, ଜଳ ପ୍ରଦୁଷଣ, ସ୍ଥଳ ପ୍ରଦୁଷଣ, ଶବ୍ଦ ପ୍ରଦୁଷଣ ଆଦି ବିଷୟରେ ଉଲ୍ଲେଖ ରହିଛି । ଦ୍ୱିତୀୟ ଅଧ୍ୟାୟରେ ୧୦ଟି ବୃକ୍ଷ କଥା ଉଲ୍ଲେଖ କରିଛନ୍ତି । ବୃକ୍ଷ ମନୁଷ୍ୟର ଜୀବନ । ଏହା ଆମକୁ ଅମ୍ଳଜାନ, ଛାୟା, ଗୃହ, ନିର୍ମାଣ ଉପକରଣ, ଭଲ ଫଳ ଦିଏ । ଗୋଟିଏ ବଡ ବରଗଛଟି ଶହେ ପ୍ରାଣୀଙ୍କୁ ଅମ୍ଳଜାନ ଦିଏ । ସେହି ବୃକ୍ଷଟି ମଧ୍ୟ ଶହେ ପ୍ରାଣୀଙ୍କଠାରୁ ଅଙ୍ଗାରକାମ୍ଳ ନିଏ । ସେହିପରି ଓସ୍ତ, ନିମ, ଶାଗୁଆନ, ଶାଳ ଆଦି ବିଭିନ୍ନ ବୃକ୍ଷର ଉପକାରିତା ସମ୍ପର୍କରେ ଆଲୋଚନା କରିଛନ୍ତି । ପୁସ୍ତକଟିରେ ପ୍ରଫେସର ନାୟକ ଅନେକ ଉପାଦେୟ ବିଷୟ ଉପରେ ଆଲୋକପାତ କରିଛନ୍ତି । ଯାହା ସୁଖପାଠ୍ୟ ନିଶ୍ଚୟ ହେବ ବୋଲି ଆଶା କରାଯାଏ ।

# ଏତେ ଲମ୍ବା ଦାଢ଼ି

ପୁରୁଷମାନଙ୍କୁ ତାଙ୍କର ନିଶ ଦାଢ଼ି ଭାରି ପ୍ରିୟ। ସେମାନେ ତା'ର ଖୁବ୍ ଯତ୍ନ ନିଅନ୍ତି। ସେଥିରେ ବିଭିନ୍ନ ଷ୍ଟାଇଲ୍ ବି କରନ୍ତି। ଏଇ ଯେମିତି କାନାଡାରେ ରହୁଥିବା ସରୱନ ସିଂ। ସେ ବି ନିଜର ନିଶ ଦାଢ଼ିକୁ ବହୁତ ଭଲ ପାଆନ୍ତି। ସେ ଏତେ ଭଲ ପାଆନ୍ତି ଯେ, ତାଙ୍କର ଦାଢ଼ି ବଢ଼ି ବଢ଼ି ଅବିଶ୍ୱସନୀୟ ଭାବେ ଲମ୍ବା ହୋଇ ଯାଇଛି। ଆଉ ତାହା ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛି। ସରୱନଙ୍କ ଦାଢ଼ିର ଲମ୍ବ ହେଉଛି ୮ ଫୁଟ୍ ୩ ଇଞ୍ଚ। ସରୱନ ଶିଖ୍ ହୋଇଥିବାରୁ ସେ କେବେ ବି ନିଜର ଦାଢ଼ି କାଟି ନାହାନ୍ତି। ତା'ସହ ସେ ଦାଢ଼ିର ଖୁବ୍ ଯତ୍ନ ବି ନିଅନ୍ତି। ପ୍ରତିଦିନ ତାକୁ ଶାମ୍ପୁ କରି କଣ୍ଡିସନର୍ ଲଗାନ୍ତି। ଭଲରେ ଶୁଖାନ୍ତି। ଆଉ ସେଥିରେ ତେଲ ଓ ଜେଲ୍ ଲଗାନ୍ତି। ନିୟମିତ ସେ ଏଭଳି ଯତ୍ନ ନେବାପରେ ତାକୁ କପଡାରେ ବାନ୍ଧି ଦିଅନ୍ତି। ଫଳରେ ତାଙ୍କ ଦାଢ଼ି ବଢ଼ି ବଢ଼ି



ଚାଲିଲା। ଶେଷରେ ପୃଥିବୀର ସବୁଠାରୁ ଲମ୍ବା ଦାଢ଼ି ଥିବା ବ୍ୟକ୍ତି ଭାବେ ତାଙ୍କ ନାଁ ଗିନିଜ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଲା।




# ଗ୍ଲାଡିଏଟର୍ ସ୍କୁଲ

ବହୁ ପୂର୍ବେ ରୋମ ସାମ୍ରାଜ୍ୟରେ ଗ୍ଲାଡିଏଟର୍‌ମାନେ ଥିଲେ। ଗ୍ଲାଡିଏଟର୍ ସାଧାରଣତଃ ଥିଲେ ପେସାଦାର ଯୋଦ୍ଧା, ଯେଉଁମାନେ କି ହାତରେ ଅସ୍ତ୍ରଶସ୍ତ୍ର ଧରି ମନୋରଞ୍ଜନ ପାଇଁ ନିର୍ମିତ ଆଖଡାରେ ଜନସାଧାରଣଙ୍କ ସମ୍ମୁଖରେ ଅନ୍ୟ ଗ୍ଲାଡିଏଟର୍‌ଙ୍କ ସହ ଘମାଘୋଟ ଲଢେଇ କରି ରୋମ୍‌ର ଅଧିବାସୀଙ୍କୁ ନିଜର ଶକ୍ତି ଓ ଯୁଦ୍ଧ କୌଶଳ ଦେଖାଇ ମନୋରଞ୍ଜନ କରୁଥିଲେ। ହେଲେ ଏବେ ଆଉ ନାହାନ୍ତି ସେ ଗ୍ଲାଡିଏଟର୍‌ମାନେ। କାହିଁ କେବେଠାରୁ ଏହି ପ୍ରଥା ଲୋପ ପାଇଗଲାଣି। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ସ୍କୁଲ ଅଛି ଯେଉଁଠି ଏବେ ଗ୍ଲାଡିଏଟର୍ ହେବାର ତାଲିମ ଦିଆଯାଉଛି। ବିଶ୍ୱାସ ନ ହେଲେ ବି କଥାଟି ସତ। ରୋମ୍‌ରେ ଥିବା ଏହି ସ୍କୁଲରେ ଦୁଇ ଘଣ୍ଟିଆ ଗ୍ଲାଡିଏଟର୍ ହେବାର ତାଲିମ ଦିଆଯାଏ। ଗ୍ଲାଡିଏଟର୍ ପୋଷାକ ପିନ୍ଧି ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କୁ ଦେଖିଲେ ୨୦୦୦ ବର୍ଷ ପଛକୁ ଫେରିଯିବା ଭଳି ମନେ ହେବ। ଲାଗିବ ସତେ ଯେମିତି ଆପଣ ସେ ସମୟରେ ଅଛନ୍ତି। ଏଠାରେ ପୁରାତନ ରୋମ ଯୋଦ୍ଧାଙ୍କ ସମ୍ପର୍କରେ ଲେକ୍ଚର ବି ଦିଆଯାଏ। ଗ୍ରୁପ୍ପୋ ଷ୍ଟୋରିକୋ ରୋମାନୋସ୍ ଦ୍ୱାରା ପରିଚାଳିତ ଏହି ସ୍କୁଲ ପ୍ରାଚୀନ ରୋମାନ ଇତିହାସକୁ ଉଜ୍ଜୀବିତ କରୁଛି। ପ୍ରାଚୀନ ଆପ୍ପିଆନ ୱେ ନିକଟରେ ଅବସ୍ଥିତ, ଏହି ସ୍କୁଲ ରୋମାନ ସାମ୍ରାଜ୍ୟର ପୁରୁଣା ଦିନଗୁଡ଼ିକୁ ଫେରାଇ ଆଣିବା ପାଇଁ ଡିଜାଇନ୍ କରାଯାଇଛି, ଯେଉଁଠାରେ ଆପଣ ଗ୍ଲାଡିଏଟର ହେବା କିପରି ଥିଲା ତାହା ଅନୁଭବ କରିପାରିବେ। ଏଠାରେ ଖଣ୍ଡା ଚାଳନା, ଢାଲଦ୍ୱାରା ନିଜକୁ କିଭଳି ସୁରକ୍ଷା ପ୍ରଦାନ କରିବ ଆଦିର ତାଲିମ ପ୍ରଦାନ କରାଯାଏ।







# ନାକ ନ ଥିବା ଝିଅ

ଶିଶୁର ଜନ୍ମ ପରିବାରରେ ଆନନ୍ଦର ଲହରି ଖେଳାଏ। ତା'ର ହସ କାନ୍ଦରେ ଘର ପୂରି ଉଠେ। ହେଲେ ଯଦି ସେହି ଶିଶୁ ସୁସ୍ଥ ଓ ସ୍ୱାଭାବିକ ଅବସ୍ଥାରେ ଜନ୍ମ ନ ନେଇଥାଏ ତେବେ ଘରେ ବିଷାଦର ଛାୟା ଖେଳିଯାଏ। ଏଇ ଯେମିତି ୟୁକେ, ମଘେରାଷ୍ଟ ଗ୍ରେନ୍ ଇଭାନ୍‌ଙ୍କ ଝିଅ ଟେସା ଇଭାନ। ସେ ଏମିତି ଏକ ବିରଳ ସ୍ଥିତିରେ ଜନ୍ମ ହୋଇଥିଲେ, ଯାହା କେବଳ ତାଙ୍କ ମା'ବାପାଙ୍କୁ ଚକିତ କରିଥିଲା ତା' ନୁହେଁ, ଯେ କେହି କୁନି ଝିଅଟିକୁ ଦେଖିଲେ ଚକିତ ହୋଇଗଲେ। କାରଣ ଏହି ଝିଅଟି ବିନା ନାକରେ ଜନ୍ମ ହୋଇଥିଲା। ସମସ୍ତେ ଚିନ୍ତାରେ ପଡିଗଲେ ଶିଶୁଟି ବଞ୍ଚିବ କେମିତି । ହେଲେ ଦିନ ବିତିବା ସହ ଶିଶୁଟି ଆରାମରେ ବଞ୍ଚିବା ସହ ସବୁବେଳେ ତା' ମୁହଁରେ ଲାଖି ରହୁଥିଲା ହସ। କେବଳ ସେତିକି ନୁହେଁ ତାଙ୍କ ହୃତ୍‌ପିଣ୍ଡରେ ଛୋଟ କଣା ଏବଂ ବାମ ଆଖିରେ କାଟାରାକ୍ଟ ଥିଲା। କାଟାରାକ୍ଟ ସର୍ଜରି ସମୟରେ ତାଙ୍କର ଦୃଷ୍ଟିଶକ୍ତି ବି କମିଗଲା। ଶରୀରରେ ଏତେ ସବୁ ତ୍ରୁଟି ସତ୍ତ୍ୱେ ଅନ୍ୟ ପିଲାଙ୍କ ଭଳି ଟେସା ହସେ, ଖେଳେ, ନାଚିବାକୁ ବି ଭଲପାଏ। ନିକଟରେ ତାଙ୍କର ଏକ ପ୍ରୋସ୍ଥେଟିକ ନାକ ଲଗାଯାଇଛି। ବୟସ ବଢ଼ିବା ସହ ଏହି ନାକ ବି ବଦଳାଯିବ।